## ସଂକ୍ଷେପରେ

### ଅଗ୍ନି ବିପନ୍ନ ପରିବାରକୁ ସହାୟତା ପ୍ରତିଶ୍ରୁତି ଦେଲା ପ୍ରଶାସନ

**ରସୁଲପୁର,୧୯।୩(ଡି.ଏନ୍.ଏ.):** ରସୁଲପୁର ତହସିଲ ଅନ୍ତର୍ଗତ ନରସିଂପୁର ରାଜସ୍ୱ ନୀରିକ୍ଷକଙ୍କ ଅଧିନସ୍ଥ ରାହାମ୍ବା ପଂଚାୟତ ମିର୍ଜାପୁର ଗାଁର ଅଗ୍ନି ବିପନ୍ନ ପରିବାରକୁ ମଙ୍ଗଳବାର ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଭେଟି ଆଲୋଚନା କରିଛନ୍ତି। ବିପନ୍ନଙ୍କ ପରିବାରକୁ ଯଥାସମ୍ଭବ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ପ୍ରକାଶ ଯେ, ସୋମବାର ଅପରାହ୍ନରେ ଚୁଲି ନିଆଁରୁ ଝୁଲ ଉଡ଼ି ଚାଳରେ ପଡିବାରୁ ୨ସଂଖ୍ୟାଲଘୁ ପରିବାରର ଘର ପୋଡ଼ି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡର ଭୟାବହତାରୁ ଘରର ଗୋଟିଏ ବି ହେଲେ ଜିନିଷ ପଦାକୁ ବାହାର କରାଯାଇ ପାରି ନ ଥିଲା। ରସୁଲପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଁଚିବାବେଳକୁ ସବୁ ଜଳି ଯାଇଥିଲା। କ୍ଷତିଗ୍ରସ୍ତ ଅବଦୁଲ୍ କାଦିର, ସେକ୍ ସାଦିର ଅତ୍ୟନ୍ତ ଦିରଦ୍ର ହୋଇଥିବାରୁ ସେମାନଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଥିଲା।

### ବିନା ସୁରକ୍ଷା ବ୍ୟବସ୍ଥାରେ ଚାଲିଛି ବିଦ୍ୟୁତ୍ କାମ

**କଳିଙ୍ଗନଗର, ୧୯।୩(ଡି.ଏନ୍.ଏ.):** କଳିଙ୍ଗନଗର ଶିଳ୍ପାଞ୍ଚଳର ମିଲିଟାରି ଛକ ନିକଟ ଧବଳଗିରିଠାରୁ ମିଲିଟାରି ଛକ ଦେଇ ୟାଜଦାନୀ ଷ୍ଟିଲ କାରଖାନାକୁ ଯାଇଥିବା ବିଦ୍ୟୁତ୍ ଲାଇନ୍ ମରାମତି କାମ କରାଯାଉଛି। ନେସ୍କୋ କର୍ତ୍ତୃପକ୍ଷଙ୍କଠାରୁ କାମ ନେଇ ଠିକାଦାର ଏହି କାମ କରୁଥିବା ଜଣାପଡିଛି। ଠିକାଦାର କାମରେ ନିୟୋଜିତ ଶ୍ରମିକଙ୍କୁ ବିନା ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ କରୁଛନ୍ତି। ଜୀବନମରଣ ସହ ପ୍ରତିମୁହୂର୍ତ୍ତରେ ସଂଗ୍ରାମ କରି ଉକ୍ତ ଶ୍ରମିକମାନେ କାମ କରୁଥିଲେ ମଧ ଏ ଦିଗରେ କାହାର ନଜର ନ ପଡିବା ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ଏକ ଉଦାହରଣ ମଙ୍ଗଳବାର ମିଲିଟାରି ଛକ ନିକଟରେ ଥିବା ବିଦ୍ୟୁତ୍ ଖୁଣ୍ଟିର କାମବେଳେ ଦେଖିବାକୁ ମିଳିଛି। ପ୍ରାୟ ୪୦ ଫୁଟ ଉଚ୍ଚତାରେ ୪ଜଣ ଶ୍ରମିକ ବିନା ହେଲମେଟ ଓ ସୁରକ୍ଷା ଯନ୍ତ୍ରରେ କାମ କରିଥିଲେ। ଅତ୍ୟଧିକ ଖରାରେ ଶ୍ରମିକମାନେ କାମ କରୁଥିଲେ ମଧ ଏଥିପ୍ରତି କାହାର ଦୃଷ୍ଟି ପଡି ନ ଥିଲା। ଏଥିପ୍ରତି ବିଦ୍ୟୁତ୍ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଓ କାରାଖାନା କର୍ତ୍ତୃପକ୍ଷ ଦୃଷ୍ଟି ଦେବା ନେଇ ଶ୍ରମିକ ମହଲରେ ଦାବି ହୋଇଛି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଓ ଶ୍ରମ ବିଭାଗ ଅଧିକାରୀଙ୍କ ମତାମତ ମିଳିପାରି ନାହିଁ।

ଶଙ୍ଖାରିଡିହ ଛକରେ ଗଳିପୋଲ ଦାବି ପ୍ରସଙ୍ଗ

### ଜାତୀୟ ରାଜପଥ ଅବରୋଧ ଆନ୍ଦୋଳନ ପ୍ରତ୍ୟାହୃତ

**ଧର୍ମଶାଳା,୧୯।୩(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଶଙ୍ଖାରିଡିହ ଛକରେ ଗଳିପୋଲ ନିର୍ମାଣ ଦାବିରେ ଗଳିପୋଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୨୦ ତାରିଖରେ ଜାତୀୟ ରାଜପଥ ଅବରୋଧ ଆନ୍ଦୋଳନ ପ୍ରତ୍ୟାହାର କରାଯାଇଛି। ଏନ୍ଏଚ୍ଆଇ କର୍ତ୍ତୃପକ୍ଷ ଶଙ୍ଖାରିଡିହ ଛକରେ ଗଳିପୋଲ ନିର୍ମାଣ ପାଇଁ ଦାୟିତ୍ୱରେ ଥିବା ଠିକା ସଂସ୍ଥାକୁ ସର୍ଭେ କରିବାକୁ ନିର୍ଦ୍ଦେଶ ଦେଇଥିବାରୁ ଜାତୀୟ ରାଜପଥ ଅବରୋଧ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା କମିଟି ସଭାପତି ମୃତ୍ୟୁଞ୍ଜୟ ସାହୁ ମଙ୍ଗଳବାର ସୂଚନା ଦେଇଛନ୍ତି। ଶଙ୍ଖାରିଡିହ ଛକରେ ଗଳିପୋଲ ନ ଥିବାରୁ ଯାତାୟାତ କରିବା ପାଇଁ ସ୍ଥାନୀୟ ୧୫ ଗ୍ରାମ ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜାତୀୟ ରାଜପଥ ପାର ହେବା ସମୟରେ ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଛି। ଏହାକୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ଗଳିପୋଲ ନିର୍ମାଣ ପାଇଁ ଦାବି କରାଯାଇଥିଲା। ଏ ନେଇ ନିକଟରେ କ୍ରିୟାନୁଷ୍ଠାନ କମିଟି ସଦସ୍ୟଙ୍କୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଆଲୋଚନା ପାଇଁ ବାଲେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଏକ ବୈଠକ ହୋଇଥିଲା। କମିଟି ସଭାପତି ମୃତ୍ୟୁଞ୍ଜୟ ସାହୁଙ୍କ ସଭାପତିତ୍ୱରେ ବୈଠକରେ ବ୍ୟବସାୟୀ ଅର୍ଜୁନ ଚରଣ ସାହୁ, ପବିତ୍ର କୁମାର କର, ପ୍ରଦୀପ୍ତ କୁମାର ମହାପାତ୍ର, କାଳନ୍ଦୀ ସାହୁ ଓ ଯଦୁନାଥ ବେହେରା ପ୍ରମୁଖ ଏନ୍ଏଚ୍ଆଇ କର୍ତ୍ତୃପକ୍ଷଙ୍କୁ ଶଙ୍ଖାରିଡିହ ଛକରେ ଗଳିପୋଲ ନିର୍ମାଣରେ ଆବଶ୍ୟକତା ସମ୍ପର୍କରେ କହିଥିଲେ। କମିଟିର ଦାବିକୁ ହୃଦୟଙ୍ଗମ କରି ଏନ୍ଏଚ୍ଆଇର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ ବିଲଡକନ୍ ଠିକାସଂସ୍ଥାର ମୁଖ୍ୟଙ୍କୁ ଶଙ୍ଖାରିଡିହ ଛକରେ ଗଳିପୋଲ ପ୍ରକ୍ରିୟା ଆରମ୍ଭ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

■ ରାଜୀବ ଆବାସରେ ଅନିୟମିତତା ପ୍ରସଙ୍ଗ

# ସିଏଜି ରିପୋର୍ଟକୁ ମିଥ୍ୟା ଦର୍ଶାଇବାକୁ ମସୁଧା

**ଯାଜପୁର ଅଫିସ,୧୯।୩**

ଯାଜପୁର ପୌରପରିଷଦରେ ରାଜୀବ ଆବାସ ଯୋଜନାର ଅନିୟମିତତା ଉପରେ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ତଦନ୍ତ ରିପୋର୍ଟକୁ ମିଥ୍ୟା ଦର୍ଶାଇବାକୁ ମସୁଧା କରଯାଇଛି। ଯାଜପୁର ପୌରପରିଷଦ ପକ୍ଷରୁ ପ୍ରସ୍ତୁତ ରିପୋର୍ଟରେ ଚଞ୍ଚକତା ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ରାଜୀବ ଆବାସ ହିତାଧିକାରୀଙ୍କ ପାଇଁ ଆବଣ୍ଟିତ ଅନୁଦାନର ସୁଧ ଟଙ୍କା ଟ୍ରାନ୍‌ଜିଟ୍ ହାଉସରେ ଖର୍ଚ୍ଚ ହୋଇନାହିଁ ବୋଲି ପୌରପରିଷଦ ପକ୍ଷରୁ ସଫେଇ ଦିଆଯାଇଛି। ଏହି କ୍ରମରେ ସିଏଜି ରିପୋର୍ଟକୁ ମିଥ୍ୟା ଦର୍ଶାଇ ଅନୁପାଳନ ରିପୋର୍ଟ ଦାଖଲ କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀ ଓ ନେତାଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଏଭଳି ଭାବେ ଚାଲାକି କରାଯାଇଥିବା କୁହାଯାଇଛି। ଏହାବାଦ ରାଜୀବ ଆବାସ ଯୋଜନାରେ ଷ୍ଟେଟ ଲେଭଲ ଟେକ୍‌ନିକାଲ ସେଲ୍(ଏସଏଲଟିସି) ନାମରେ ୨୦୧୪ ଜୁଲାଇରୁ ୨୦୧୫ ଜାନୁୟାରୀ ପର୍ଯ୍ୟନ୍ତ ୩୪,୯୯,୯୯୨ ଟଙ୍କା ଓ ୨୦୧୫ ଜୁଲାଇରୁ ୨୦୧୬ ଫେବୃୟାରୀ ମାସ ପର୍ଯ୍ୟନ୍ତ ୨୪,୮୨,୭୩୭ ଟଙ୍କା ବିନିଯୋଗ ହୋଇଛି। ଏହିସବୁ ଅନିୟମିତତାର ଏକ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଗଲେ ବାସ୍ତବ ଚିତ୍ର ଲୋକଲୋଚନକୁ ଆସିପାରନ୍ତା ବୋଲି ମତପ୍ରକାଶ ପାଇଛି।




ଯାଜପୁର ପୌରପରିଷଦରେ ରାଜୀବ ଆବାସ ଯୋଜନାରେ ଗରିବ ଝୁମ୍ପୁଡିବାସୀଙ୍କ ନାମରେ ୪.୧୪ କୋଟି ଟଙ୍କାର ଟ୍ରାନ୍‌ଜିଟ ହାଉସ ନିର୍ମାଣ କରିବାକୁ ନିର୍ଦ୍ଧାରିତ ହୋଇଥିଲା। ହେଲେ ପୌର ପରିଷଦ କର୍ତ୍ତୃପକ୍ଷ ଏହାକୁ ମାର୍କେଟ କମ୍ପ୍ଲେକ୍ସ ଭାବେ ନିର୍ମାଣ କରି ଧନୀ ଶ୍ରେଣୀ ଲୋକଙ୍କୁ ଟେକି ଦେଇଥିବା ଅଭିଯୋଗ ହୋଇଥିଲା। ଫଳରେ ଯାଜପୁର ପୌରପରିଷଦ ପାଣ୍ଠିରୁ ୪.୧୪କୋଟି ଟଙ୍କା ରାଜୀବ ଆବାସ ପାଣ୍ଠିକୁ ଫେରାଇ ଦେବାକୁ ଗୃହ ଓ ନଗର ଉନ୍ନୟନ ବିଭାଗର ସଚିବ ଗତ ୨୦୧୭ ଜୁଲାଇରେ ନିଶ୍ଚିତ କରିଥିଲେ। ତେବେ ୪ କୋଟି ୧୪ଲକ୍ଷ ଟଙ୍କାର ଠିକ୍‌ଭାବେ ବିନିଯୋଗ ନ ହୋଇ ହେରଫେର ହୋଇଥିବାରୁ ଅର୍ଥ କେଉଁଠୁ ଆସିବ ସେହି ଭୟରେ ମାମଲାକୁ ରଫାଦଫା କରିବାକୁ ଏକ ପ୍ରକାର ମସୁଧା ଚାଲିଛି।

ପ୍ରକାଶ ଯେ, ହିତାଧିକାରୀମାନେ ରାଜୀବ ଆବାସ ଯୋଜନାର ଟ୍ରାନ୍‌ଜିଟ ହାଉସ ସୁବିଧା ପାଇବାରୁ ବଞ୍ଚିତ ହୋଇଥିବା ସିଏଜି ତାଙ୍କ ରିପୋର୍ଟରେ ଜାଣିବାକୁ ପାଇଥିଲେ। ଏପରି କି ୭୩ଟି ଘର ନିର୍ମାଣରେ ଚଞ୍ଚକତା କରି ୨.୩୯କୋଟି ଟଙ୍କା ହେରଫେର ହୋଇଥିବା ନେଇ ସିଏଜି ରିପୋର୍ଟ ଆଧାରରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ପୌରପରିଷଦ କ'ଣ କାର୍ଯ୍ୟାନୁଷ୍ଠାନ ନେଇଛି ତାହା ୭ ଦିନ ମଧ୍ୟରେ ଜଣାଇବାକୁ ଓଡିଶା ଅର୍ବାନ ହାଉସିଂ ମିଶନ(ଓୟୁଏଚଏମ) ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା। ତେବେ ପ୍ରଶାସନ ଦାୟିତ୍ୱ ନେବାପରେ ରାଜ୍ୟ କ୍ଷମତା କେନ୍ଦ୍ରରେ ପ୍ରଭୁତ ପ୍ରଭାବ ରହିଥିବା ଓ ରାଜନୈତିକ ତଥା ପ୍ରଶାସନିକ ସଂରକ୍ଷଣ ମିଳି ଆସୁଥିବା ଯାଜପୁର ପୌରପରିଷଦ ଉପରେ ଓୟୁଏଚଏମର ଏହି ପଦକ୍ଷେପ ଫସର ଫାଟିଥିଲା। ୨୦୧୭ ଏପ୍ରିଲରୁ ମେ ମାସ ମଧ୍ୟରେ ସିଏଜି ପକ୍ଷରୁ ହୋଇଥିବା ତଦନ୍ତରେ ୪୮ଟି ଘର ଝୁମ୍ପୁଡିବାସୀ ପାଇ ନ ଥିଲେ ବୋଲି ଦର୍ଶାଯାଇଥିଲା। ଏହାସହ ଅନ୍ୟାନ୍ୟ ଅନିୟମିତାକୁ ମିଶାଇ ପ୍ରାୟ ୨କୋଟି ୩୯ଲକ୍ଷ ଟଙ୍କାର ଅନିୟମିତା ହୋଇଛି ବୋଲି ସିଏଜିର ତଦନ୍ତ ରିପୋର୍ଟରେ ପ୍ରକାଶ ପାଇଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଓୟୁଏଚ୍ଏମ୍‌ର ଯୁଗ୍ମ ମିଶନ ନିର୍ଦ୍ଦେଶକ ତାଙ୍କ ପତ୍ରସଂଖ୍ୟା ୧୯୫୫/୨।୧୧।୨୦୧୮ରେ ଯାଜପୁର ପୌରପରିଷଦର ନିର୍ବାହୀ ଅଧିକାରୀଙ୍କୁ ୭୩ ଜଣ ହିତାଧିକାରୀଙ୍କ ନାମ ତାଲିକା ସହ ଏହି ଚୟନ ପ୍ରକ୍ରିୟାରେ କେଉଁ ଅଧିକାରୀ ସାମିଲ ହୋଇଥିଲେ ଏବଂ ତାଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ହୋଇଛି ତାହା ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହିସବୁ ନିର୍ଦ୍ଦେଶ ଓ ତଦନ୍ତ ପ୍ରକିୟା ସବୁ ଧୂଆଁବାଣ ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରାଜୀବ ଆବାସ ଯୋଜନାର ଅଗ୍ରଗତି ମଧ ଯାଜପୁରରେ ନୈରାଶ୍ୟଜନକ ରହିଛି । ୨୦୧୩ ମାର୍ଚ୍ଚ ମାସରୁ ଏହି ଯୋଜନା ଅନୁମୋଦନ ହୋଇଛି । ହେଲେ ପ୍ରଥମ ପର୍ଯ୍ୟାୟରେ ଗତ ଜାନୁୟାରୀ ସୁଦ୍ଧା ୮୮୬ ରୁ ୫୦୮ଟି ଘର ସମ୍ପୂର୍ଣ୍ଣ ହୋଇଛି। ୨୨୫ଟି ଘର ଏଯାଏ ଆରମ୍ଭ ହୋଇନାହିଁ । ୧୫୩ଟି ଘର ନିର୍ମାଣାଧୀନ ଅବସ୍ଥାରେ ରହିଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଅନୁମୋଦିତ ୬୧୫ରୁ ୨୨୯ଟି ଘର ସମ୍ପୂର୍ଣ୍ଣ ହୋଇଥିବାବେଳେ ୧୮୬ଟି ନିର୍ମାଣାଧୀନ ରହିଛି । ନିର୍ମାଣାଧୀନ ଏହି ରାଜୀବ ଆବାସଗୁଡିକ ମାର୍ଚ୍ଚ ସୁଦ୍ଧା ଶେଷ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏସଂକ୍ରାନ୍ତରେ ଅଫିସର ଅନ ସ୍ପେସିଆଲ ଡ୍ୟୁଟି(ଓଏସଡି) ସୁଦର୍ଶନ ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି ରାଜୀବ ଆବାସ ଯୋଜନାରେ ସୁଧ ଅର୍ଥ ଖର୍ଚ୍ଚ ହୋଇ ନାହିଁ। ସିଏଜି ଭୂଲ ରିପୋର୍ଟ ଦେଇଥିଲା। ଟ୍ରାନ୍‌ଜିଟ ହାଉସରେ ସମ୍ପୃକ୍ତ ହିତାଧିକାରୀ ରହିବାକୁ ଅନିଚ୍ଛା ପ୍ରକାଶ କରିଥିଲେ । ତେଣୁ ପରବର୍ତ୍ତୀ ସମୟରେ ତାକୁ ମାର୍କେଟ କମ୍ପ୍ଲେକ୍ସରେ ପରିଣତ କରାଯାଇଛି ବୋଲି ମିଶ୍ର କହିଛନ୍ତି।

ସୋସିଆଲ ମିଡିଆରେ ଅଶ୍ଳୀଳ ମନ୍ତବ୍ୟ ଲେଖିବା ଅଭିଯୋଗ

### ଜଣେ କୋର୍ଟଚାଲାଣ

**କୋରେଇ,୧୯।୩(ସ୍ୱ.ପ୍ର.)**

ପ୍ରଶାସନିକ ଅଧିକାରୀ, ଉଚ୍ଚପଦସ୍ଥ ପୋଲିସ ଅଧିକାରୀ ଏବଂ ଗଣମାଧମ ପ୍ରତିନିଧିଙ୍କ ନାମରେ ବିଭିନ୍ନ ଫେକ୍ ଆଇଡି ଖୋଲି ସୋସିଆଲ ମିଡିଆରେ ଅଶ୍ଳୀଳ ମନ୍ତବ୍ୟ ଦେବା ଅଭିଯୋଗରେ ପାଣିକୋଇଲି ପୋଲିସ ମଙ୍ଗଳବାର ଜଣଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଭଦ୍ରକ ଜିଲା ତିହିଡି ଥାନା ଅନ୍ତର୍ଗତ ଗୁଆମାଳ ଗଣ୍ଡପଡାର ତପନ ପାଢୀ (୫୫)। ସେ ବର୍ତ୍ତମାନ କଟକ ଜିଲା ଚୌଦ୍ୱାର ଓଟିଏମ୍ କଲୋନୀରେ ରହୁଛନ୍ତି। ପ୍ରକାଶ ଯେ, କିଛିଦିନ ପୂର୍ବେ ତପନ ଯାଜପୁର ଏସ୍‌ପି ଚରଣ ସିଂହ ମୀନା ଓ ଖବରଦାତାଙ୍କ ନାମରେ ଅଶ୍ଳୀଳ ଭାଷା ଲେଖି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏ ନେଇ ବରିଷ୍ଠ ଖବରଦାତା ସୁବାସ ଧଳ ଓ ବିଭାଗ ପକ୍ଷରୁ ପାଣିକୋଇଲି ଥାନାରେ ୨ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଏସ୍‌ପି ମୀନାଙ୍କ ନିର୍ଦ୍ଦେଶକ୍ରମେ ଥାନାଧିକାରୀ ଅଜୟ କୁମାର ଜେନା ୨ଟି ମାମଲା (ନଂ. ୪୧,୪୨/୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲେ। ଏହି ଘଟଣାରେ ତପନଙ୍କୁ ସୋମବାର ଗିରଫ କରାଯାଇ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି।

■ ବରୁହାଁ-ବରୀ ରାସ୍ତା ମରାମତି ନିମ୍ନମାନର

## ବିରୋଧ କଲେ ଗ୍ରାମବାସୀ



ବରୁହାଁ-ବରୀ-କଳାମାଟିଆ ରାସ୍ତା।

**ବରୀ,୧୯।୩(ସ୍ୱ.ପ୍ର.)**

ବରୁହାଁ-ବରୀ-କଳାମାଟିଆ ରାସ୍ତା ମରାମତି କାମ ନିମ୍ନମାନର ନେଇ ମଙ୍ଗଳବାର ଗ୍ରାମବାସୀ କଳାମାଟିଆଠାରେ ବିରୋଧ କରିଛନ୍ତି। ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଅଧୀନରେ ଏହି ରାସ୍ତା ରହିଛି। ବରୁହାଁଠାରୁ କଳାମାଟିଆ ୨୫ କି.ମି. ପର୍ଯ୍ୟନ୍ତ ରାସ୍ତାରୁ ପିଚୁ ଉଠିଯାଇ ଖାଲଖମା ସୃଷ୍ଟି ହୋଇଛି। ଆଚରଣ ବିଧି ଲାଗୁ ପୂର୍ବରୁ ଠିକାଦାରଙ୍କ ଜରିଆରେ ବିଭାଗୀୟ କର୍ତ୍ତୃପକ୍ଷ ମରାମତି କାମ ଆରମ୍ଭ କରିଥିବା ଜଣାପଡ଼ିଛି। ସକାଳେ ପିଚୁ ହେଲେ ସନ୍ଧ୍ୟାରେ ଉଠିଯାଉଥିବା ଅଭିଯୋଗ ହୋଇଛି। ମଙ୍ଗଳବାର କଳାମାଟିଆ ନିକଟରେ ପିଚୁ ଉପରେ ପିଚୁ କରାଯାଇଥିବା ବେଳେ ସରପଞ୍ଚ ସମୀର ମଲ୍ଲିକ, ଜୟଦେବ ଧଳ, ଦଶରଥ ପଣ୍ଡା, ରାଜକିଶୋର ମଲିକ, କୈଳାସ ମଲିକ ପ୍ରମୁଖ ବିରୋଧ କରି କିଛି ସମୟ କାମ ବନ୍ଦ କରିଦେଇଥିଲେ। ଏ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ସହକାରୀ ଯନ୍ତ୍ରୀ ବିଘ୍ନରାଜ ଜେନାଙ୍କୁ ପଚାରିବାରୁ, ତାଙ୍କ ପାଖରେ କୌଣସି ଖବର ପହଞ୍ଚିନାହିଁ ବୋଲି କହିଥିଲେ।

### ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

**ଛତିଆ,୧୯।୩(ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ସୋଲର ପଞ୍ଚାୟତ ପାଇକରାପୁର ଗ୍ରାମରେ ମଙ୍ଗଳବାର ମଧାହ୍ନରେ ଅଗ୍ନିକାଣ୍ଡ ଘଟି ସେକ୍ ଜବାର୍, ସେକ୍ କୁନାଙ୍କ ୨ ବଖରା ଜଳିଯାଇଛି। ଗାଁ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ଧାନ, ଚାଉଳ ଓ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଗ୍ରାମବାସୀ ଏବଂ ଅଗ୍ନିଶମ ବିଭାଗ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା। ସୋଲର ସରପଞ୍ଚ ନୀଳମଣି ରାଉତ, ଭାଜପା ଯୁବନେତା ଅମର ନାୟକ ଘଟଣାସ୍ଥଳରେ ପହଞ୍ଚି ବିପନ୍ନଙ୍କ ପରିବାରକୁ ସାନ୍ତ୍ୱନା ଦେବା ସହ ୨ ପାଲ ଏବଂ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ଗୋ-ନବରାତ୍ର ମହାଯଜ୍ଞ ଉଦ୍‌ଯାପିତ

**ରସୁଲପୁର,୧୯।୩(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ସୀମାବର୍ତ୍ତୀ ଅଞ୍ଚଳରେ ଗୋ-ନବରାତ୍ର ମହାଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଶ୍ରୀଜଗନ୍ନାଥ ଜ୍ୟୋତି ନିକେତନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଯଜ୍ଞ ଗୋ-ନବରାତ୍ର ମହାଯଜ୍ଞରେ ଗୋ-ମହାତ୍ମ୍ୟ ଉପରେ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ୯ଦିନ ବ୍ୟାପି ଅନୁଷ୍ଠିତ ମହାଯଜ୍ଞ ଉତ୍ସବ ସ୍ଥାନୀୟ ଅଞ୍ଚଳରେ ଧର୍ମୀୟ ପରିବେଶ ସୃଷ୍ଟି କରି ପାରିଥିଲା। କାକୁଡ଼ିକୁଦ, ଝାଲପଡ଼ା, ନୀଳକଣ୍ଠପୁର ଗାଁର ଲୋକଙ୍କ ପାଇଁ ଯଜ୍ଞ ପଡିଆ ଅସ୍ଥାୟୀ ବାସସ୍ଥାନ ପାଲିଥିଲା । ଉଦ୍‌ଯାପନୀ ଉତ୍ସବରେ ପାରମ୍ପାରିକ ରୀତିନୀତିରେ ସହ ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଯାଜ୍ଞିକ ପଣ୍ଡିତ ସୁନିଲ ନନ୍ଦ, ଅନିରୁଦ୍ଧ ପଣ୍ଡା, ରତିକାନ୍ତ ତ୍ରିପାଠୀ, ନରହରି ପଣ୍ଡା, ନିର୍ମଳ ଦାଶ ପ୍ରମୁଖ ଯଜ୍ଞ କାର୍ଯ୍ୟକୁ ପରିଚାଳନା କରିଥିଲେ। ପରେ ଗୋ-ମାହାତ୍ମ୍ୟ ଉପରେ ଆଧାରିତ ପ୍ରବଚନରେ ପୁରୀସ୍ଥିତ କ୍ରିୟାଯୋଗର ଅଧକ୍ଷ ପରମହଂସ ପ୍ରଜ୍ଞାନନ୍ଦ ଜୀ, ସନ୍ୟାସୀ କ୍ରିଷ୍ଟାନନ୍ଦ ଗିରି, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ପ୍ରମୁଖ ପ୍ରବଚନ ପ୍ରଦାନ କରିଥିଲେ।




ପ୍ରବଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

■ କଳଣ ବାଲିଘାଟରୁ ଚାଲିଛି ବେଆଇନ ବାଲିଚାଲାଣ

## ରୋକିପାରୁନି ତହସିଲ୍ ପ୍ରଶାସନ

**ରସୁଲପୁର,୧୯।୩(ଡି.ଏନ୍.ଏ.)**

ରସୁଲପୁର ତହସିଲ ଅନ୍ତର୍ଗତ କସ୍ବା ସର୍କଲ ଅଧିନସ୍ଥ କଳଣ ପଞ୍ଚାୟତର ବ୍ରାହ୍ମଣୀ ନଦୀରୁ ବାଲି ଚୋରାଚାଲାଣ ହେଉଛି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କ ନିକଟରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ରସୁଲପୁର ତହସିଲ ଅଞ୍ଚଳରେ ବେଆଇନ ବାଲି ମାଫିଆଙ୍କ ପାଦୁର୍ଭାବ ବଢିବାରେ ଲାଗିଛି। ଗତ କିଛିଦିନ ହେବ ତହସିଲଦାର ନିର୍ବାଚନ ସମ୍ପର୍କିତ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ଏହାର ସୁଯୋଗ ନେଇ ବାଲି ଚୋରା ଚାଲାଣକୁ ବ୍ୟାପକ କରାଯାଉଛି। ଏଭଳି କାର୍ଯ୍ୟରେ ପଞ୍ଚାୟତର ଜନପ୍ରତିନିଧି ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କର ହାତ ରହୁଥିବା ମଧ ଅଭିଯୋଗ ହେଉଛି। ବାଲି ଚୋରାଚାଲାଣ ଫଳରେ ସରକାରଙ୍କ ଲକ୍ଷଲକ୍ଷ ଟଙ୍କା ରାଜସ୍ୱ ହାନୀ ଘଟୁଛି। ପାଖ ପଞ୍ଚାୟତରେ ଥିବା ସରକାରୀ ନିଲାମଘାଟ ଗୁଡ଼ିକ କ୍ଷତିରେ ଚାଲୁଛି । ବାଲି ମାଫିଆମାନେ ବେଆଇନ ବାଲି ଘାଟରୁ ଅଧିକ ବାଲି ପରିବହନ କରୁଛନ୍ତି। ମାତ୍ର ନିଲାମ ଘାଟ ଗୁଡିକରୁ ବାଲି ଉଠାଣ ହେଉନାହିଁ। ଅନ୍ୟପକ୍ଷରେ ତହସିଲ ପ୍ରଶାସନ ନିଲାମଧାରୀଙ୍କୁ ସୁରକ୍ଷା ଦେବାରେ ବିଫଳ ହେଉଛନ୍ତି। ଏଦିଗରେ ତହସିଲଦାର ଭୁଜବଳଙ୍କୁ ପଚାରିବାରୁ ସେ ଚିରାଚରିତ ଢଙ୍ଗରେ ଉତ୍ତର ରଖିଛନ୍ତି। ଦିନେ ଦୁଇଦିନ ମଧ୍ୟରେ ବେଆଇନ ବାଲି ଘାଟ କ୍ଷେତ୍ରକୁ ପରିଦର୍ଶନରେ ଯିବେ ବୋଲି ପ୍ରକାଶ କରିଛନ୍ତି ।

### ଘରେଘରେ ଶଙ୍ଖ କାର୍ଯ୍ୟକ୍ରମ

**ଧର୍ମଶାଳା, ୧୯।୩(ଡି.ଏନ୍.ଏ.)**

ଧର୍ମଶାଳା ମହିଳା ବିଜେଡି ପକ୍ଷରୁ 'ଘରେଘରେ ଶଙ୍ଖ' କାର୍ଯ୍ୟକ୍ରମ ଜାରକା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ପ୍ରତି ଗ୍ରାମରେ ସ୍ୱାଗତ କରାଯିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩୩% ମହିଳାଙ୍କୁ ଲୋକସଭାକୁ ପଠାଇବାର ନିଷ୍ପତ୍ତି ନେଇଥିବାରୁ ମହିଳାଙ୍କ ଭିତରେ ଉତ୍ସାହ ଦେଖିବାକୁ ମିଳିଥିଲା । ନିର୍ବାଚନ ମଣ୍ଡଳୀ ସଭାନେତ୍ରୀ ମିନତି ପଣ୍ଡା, ବ୍ଲକ ସଭାନେତ୍ରୀ ରେଣୁବାଳା ଶତପଥୀ, ସରପଞ୍ଚ ବିଭୂତି ଭୂଷଣ ପାଣିଗ୍ରାହୀ, ସୁଦାମ ଚରଣ ବେହେରା, ଯୁବନେତା ପ୍ରତାପ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ରେଲୱେ ପରାମର୍ଶଦାତା କମିଟିର ଦ୍ୱିତୀୟ ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀ।

**ଯାଜପୁରରୋଡ,୧୯।୩(ନି.ପ୍ର.)**

ଷ୍ଟେଶନ ପରିଚାଳକଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଯାଜପୁର-କେନ୍ଦୁଝରରୋଡ ରେଳଷ୍ଟେଶନ ପରାମର୍ଶଦାତା କମିଟିର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ରେଲୱେ ଡିଭିଜନର ସରକାରୀ ବାଣିଜ୍ୟ ପରିଚାଳକ ସତ୍ୟନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଷ୍ଟେଶନ ମ୍ୟାନେଜର ସମୀର କୁମାର ସ୍ୱାଇଁ, ଖୋର୍ଦ୍ଧା ରେଲୱେ କାର୍ଯ୍ୟାଳୟର ଅଧୀକ୍ଷକ ବ୍ରଜବନ୍ଧୁ ନାୟକ ପ୍ରମୁଖ ରେଳ ବିଭାଗ ପକ୍ଷରୁ ଯୋଗଦେଇ କମିଟିର ବିଭିନ୍ନ ପ୍ରସ୍ତାବକୁ ଲିପିବଦ୍ଧ କରିଥିଲେ। ଯାତ୍ରୀଙ୍କ ପାଇଁ ୨,୩ ଓ ୪ନଂ ପ୍ଲାଟଫର୍ମରେ ଶୌଚାଳୟ ବ୍ୟବସ୍ଥା କରିବାକୁ ବୈଠକରେ ଦାବି କରାଯାଇଥିଲା। ଷ୍ଟେଶନ ନାମ ଯାଜପୁର-କେନ୍ଦୁଝରରୋଡ ହୋଇଥିଲା ବେଳେ କେନ୍ଦୁଝର ଟ୍ରେନଗୁଡିକ ଯଖପୁରା ଦେଇ ଯାଉଛି। ତାହାକୁ ଯାଜପୁରରୋଡକୁ ସମ୍ପ୍ରସାରଣ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ଷ୍ଟେଶନ ଦକ୍ଷିଣ ପାର୍ଶ୍ୱରେ ଏକ ବୁକିଂ କାଉଣ୍ଟର ସହ ସାଇକେଲ ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି କରାଯାଇଥିଲା। ମେମୋ ଟ୍ରେନ ବ୍ୟବସ୍ଥାକୁ ଯାଜପୁରରୋଡକୁ ସମ୍ପ୍ରସାରଣ ପାଇଁ କୁହାଯାଇଥିଲା। ସମସ୍ତ ଦ୍ରୁତଗାମୀ ଟ୍ରେନ୍ ଯାଜପୁର-କେନ୍ଦୁଝରରୋଡରେ ରହଣି ପାଇଁ ସଭ୍ୟମାନେ ପ୍ରସ୍ତାବ ଦେଇଥିଲେ। ତେବେ ଉପରୋକ୍ତ ସମସ୍ତ ଦାବିକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ବୈଠକରେ ଉପସ୍ଥିତ ରେଳ ଅଧିକାରୀ ସୂଚନା ଦେଇଥିଲେ। ସିସିଟିଭି କ୍ୟାମେରା ଓ ଫୁଟ ଓଭରବ୍ରିଜ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ ହେବ। ଅଧାପକ ଅକ୍ଷୟ କୁମାର ପଣ୍ଡା, ଭାଗୀରଥୀ ଆଚାର୍ଯ୍ୟ, ଶେଖ ସାରାଉଦ୍ଦିନ, ଅରୁଣ କୁମାର ସାହୁ, ହେମନ୍ତ କୁମାର ସାହୁ, ଖବରଦାତା ଅଭିମନ୍ୟୁ ମିଶ୍ର, ମହେଶ୍ୱର ପ୍ରଧାନ, ରେଲୱେ ଅଫିସର ସାଗର କୁମାର ପଣ୍ଡା, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବାରିକ, ଆରପିଏଫ ସବ ଇନ୍ସପେକ୍ଟର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଇମାମି ସିମେଣ୍ଟ କାରଖାନା ସମ୍ମୁଖରେ ବିସ୍ଥାପିତଙ୍କ ଧାରଣା

**କଳିଙ୍ଗନଗର,୧୯।୩(ଡି.ଏନ୍.ଏ.)**

କଳିଙ୍ଗନଗରସ୍ଥିତ ଇମାମି ସିମେଣ୍ଟ କାରଖାନା ଦ୍ୱାରା ଜମିହରା ହୋଇଥିବା ଅଧିବାସୀମାନେ ସେମାନଙ୍କ ନାର୍ଯ୍ୟପ୍ରାପ୍ୟ ଦାବିରେ ମଙ୍ଗଳବାର ସକାଳ ୧୧ଟାରୁ ୩ଟା ପର୍ଯ୍ୟନ୍ତ କାରଖାନାର ମୁଖ୍ୟଫାଟକକୁ ବନ୍ଦ ରଖିଥିଲେ। ଇମାମି କାରଖାନା କର୍ତ୍ତୃପକ୍ଷ ଜମି ହରାଇଥିବା ଚାଷୀଙ୍କ ପରିବାରରୁ ଜଣଙ୍କୁ କାରଖାନାରେ ସ୍ଥାୟୀ କର୍ମନିଯୁକ୍ତି ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ ତାହା ପାଳନ କରୁ ନାହାନ୍ତି। ଏନେଇ ଟାଳଟୁଲ ନୀତି ଅବଲମ୍ବନ କରୁଛନ୍ତି। ସ୍ଥାନୀୟ ମାନ୍ତିରା ଗ୍ରାମର ୪୨ପରିବାରଙ୍କ ୬୭ଏକର ଜମି ଉପରେ ଏହି କାରଖାନା ନିର୍ମିତ ହୋଇଛି । ଜନଶୁଣାଣିରେ ଜମିହରା ବିସ୍ଥାପିତ ପରିବାରଙ୍କୁ ନିଯୁକ୍ତି ଓ ଠିକାଦାରୀ କାମ ପ୍ରଦାନ କରିବାକୁ କମ୍ପାନୀ କର୍ତ୍ତୃପକ୍ଷ ରାଜି ହେବାପରେ କାରଖାନା ନିର୍ମିତ ହୋଇଥିଲା। ହେଲେ କୌଣସି ବିସ୍ଥାପିତ ପରିବାରର ଲୋକଙ୍କୁ ନିଯୁକ୍ତି ମିଳିଲା ନାହିଁ। ଏପରି କି ମାନ୍ତିରା ଗ୍ରାମର ମୁଖ୍ୟରାସ୍ତାକୁ ଦେଢକୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବାବେଳେ ସେଥିରେ ମଧ କୌଣସି ସ୍ଥାନୀୟ ଠିକାଦାରଙ୍କୁ କାର୍ଯ୍ୟ କରିବାକୁ ସୁଯୋଗ ମିଳିଲା ନାହିଁ। ମା' ଏଣ୍ଟରପ୍ରାଇଜେସ ନାମକ ବାହାର ଅଞ୍ଚଳର ଏକ ଠିକାସଂସ୍ଥା ହାତରେ କାରଖାନାର ବହୁ ଠିକା କାର୍ଯ୍ୟ କରାଯାଉଛି। ତେଣୁ ଏହାର ପ୍ରତିବାଦ କରି ସ୍ଥାନୀୟ ଅଞ୍ଚଳର ବିସ୍ଥାପିତ ଲୋକେ କାରଖାନା ସମ୍ମୁଖରେ ଧାରଣାରେ ବସିଥିଲେ। ଦୀର୍ଘ ୪ଘଣ୍ଟା ଧାରଣାରେ ବସିବା ପରେ ଆସନ୍ତା ସୋମବାର ନିଯୁକ୍ତି ସମ୍ପର୍କରେ ଆଲୋଚନା କରାଯିବାକୁ କାରଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଧାରଣାକାରୀମାନେ ଫାଟକ ନିକଟରୁ ହଟିଥିଲେ। କାରଖାନା ପାଇଁ ଜମି ହରାଇଥିବା ଦେବେନ୍ଦ୍ର ଘଡ଼େଇ, ରବୀନ୍ଦ୍ର ସାମଲ, ଦେବେନ୍ଦ୍ର ସାମଲ, ପ୍ରମୋଦ ଘଡ଼େଇ , ଗୟାଧର ସାମଲ, ବିଶ୍ୱରଞ୍ଜନ ସିଂହ, ଚନ୍ଦ୍ରକାନ୍ତ ପାଲ, ଜ୍ୟୋତିରଞ୍ଜନ ସାମଲ, ନିରଜ କୁମାର ମହାନ୍ତି ପ୍ରମୁଖ ୨୫ରୁ ଉର୍ଦ୍ଧ୍ୱ ଚାଷୀ ଧାରଣାରେ ବସିଥିଲେ। ସୂଚନାଯୋଗ୍ୟ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗତ ୨ବର୍ଷ ମଧ୍ୟରେ ୪ଟି ଶିଳ୍ପ ସିମେଣ୍ଟ କାରଖାନା ଗଢି ଉଠିବା ପାଇଁ ଜନଶୁଣାଣି ଶେଷ ହୋଇଛି। ଗତ ୬ତାରିଖରେ ଚେଟନାଡ଼ ସିମେଣ୍ଟ କାରଖାନା ପାଇଁ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ନିଯୁକ୍ତି, ବିସ୍ଥାପିତ ସମସ୍ୟାକୁ ନେଇ ତୁମ୍ବି ତୋଫାନ ହୋଇଥିଲା। କାରଖାନା ବିରୋଧରେ ଅଧିକାଂଶ ଲୋକ ମତାମତ ରଖିଥିଲେ । ସେହିପରି ଇମାମି ସିମେଣ୍ଟ ପରେ ଜେଏସଡବ୍ଲ୍ୟୁ ସିମେଣ୍ଟ ଏବଂ ଯାଜପୁର ସିମେଣ୍ଟ କାରଖାନା କରିବା ପାଇଁ ଆଗେଇ ଆସିଥିବାବେଳେ ଜେଏସ୍‌ଡବ୍ଲ୍ୟୁ ଓ ଯାଜପୁର ସିମେଣ୍ଟ କାରଖାନା ସମ୍ପୂର୍ଣ୍ଣ ହୋଇପାରି ନାହିଁ । ଇମାମି ସିମେଣ୍ଟ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ସ୍ଥାନୀୟ ଲୋକଙ୍କ ସମସ୍ୟାକୁ କୌଣସି ପଦକ୍ଷେପ ନେଉ ନ ଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଅନ୍ୟପକ୍ଷରେ ଗତ ଜନଶୁଣାଣି ପରେ ଚେଟନାଡ଼ ସିମେଣ୍ଟ ରାତିଅଧିଆ ପାଚେରି ବୁଲାଇବାକୁ ଯୋଜନା କରୁଥିବା ଶୁଣିବାକୁ ମିଳୁଥିବାରୁ ସ୍ଥାନୀୟ କୁତୁମିସାହି, କଚେରି ଗାଁ, ଅରା ସାହି ଆଦି ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳୁଛି।



କାରଖାନା ଫାଟକ ସମ୍ମୁଖରେ ଧାରଣାରେ ବସିଥିବା ଧାରଣାକାରୀ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୦ ମାର୍ଚ୍ଚ, ୨୦୧୯



କାମ କରୁଥିବା ବେଳେ ଯେଉଁ ଲୋକ ମନ ଖୋଲା ଗୀତ ଗାଏ, ସେ ହିଁ ଦୁନିଆଁରେ ପ୍ରକୃତ ସୁଖୀ।
- କାର୍ଲାଇଲ୍



## ସଂକ୍ଷେପରେ

### ଅଚେତ ଅବସ୍ଥାରେ ମହିଳା ଉଦ୍ଧାର

ଯାଜପୁରରୋଡ,୧୯।୩(ନି.ପ୍ର.)- ଯାଜପୁରରୋଡ ଷ୍ଟେଶନ ନିକଟରୁ ମଙ୍ଗଳବାର ଓଁ ଶ୍ରୀ ବିଶ୍ୱନାଥ ଟ୍ରଷ୍ଟ ପକ୍ଷରୁ ଅଚେତ ଅବସ୍ଥାରେ ଜଣେ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଖବରପାଇ ଟ୍ରଷ୍ଟ ପକ୍ଷରୁ ଚନ୍ଦ୍ର ପ୍ରକାଶ ଜୈନ ଘଟଣାସ୍ଥଳକୁ ଆସି ପାଣି ପିଇବାକୁ ଦେବା ପରେ ତାଙ୍କ ଚେତା ଫେରିଥିଲା। ଟ୍ରଷ୍ଟ ପକ୍ଷରୁ ମହିଳାଙ୍କୁ ରେଲୱେ ଫାଣ୍ଡିରେ ହସ୍ତାନ୍ତର କରିବାକୁ ଯିବା ସମୟରେ ଆରପିଏଫ୍‌କୁ ଜଣାଇବାକୁ କହିଥିଲେ। ଏ କାମ ଜିଆରପିର ବୋଲି ଆରପିଏଫ୍ ପକ୍ଷରୁ କୁହାଯାଇଥିଲା। ତେଣୁ ଟ୍ରଷ୍ଟ ପକ୍ଷରୁ ଯାଜପୁରରୋଡ ଥାନାକୁ ଅବଗତ କରାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ପୋଲିସ ଘଟଣାସ୍ଥଳରେ ପହଞ୍ଚିନାହିଁ। ସମ୍ପୃକ୍ତ ମହିଳାଙ୍କ ଘର କବାଟବନ୍ଧର ଦଳଗା ଗାଁ ବୋଲି କହୁଥିବାବେଳେ ତାଙ୍କ ନାଁ ଜଣାପଡ଼ିନାହିଁ।

### ବିଜେଡିର ମିଶ୍ରଣ ପର୍ବ

ବିଞ୍ଝାରପୁର,୧୯।୩(ଡି.ଏନ.ଏ.)- ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ବିଞ୍ଝାରପୁର ବ୍ଲକର ୨୯ ପଞ୍ଚାୟତ ଓ ଦଶରଥପୁର ବ୍ଲକର ୧୫ ପଞ୍ଚାୟତକୁ ନେଇ ଗଠିତ। ଦଶରଥପୁର ବ୍ଲକ ତଥା ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ପାଲଟପୁର ଅଞ୍ଚଳର ବହୁ ଭାଜପା ଓ କଂଗ୍ରେସ ସମର୍ଥକ ମଙ୍ଗଳବାର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଶିବିରରେ ଯୋଗଦେଇଛନ୍ତି। ପାଲଟପୁର ଅଞ୍ଚଳର ଭାଜପା ଓ କଂଗ୍ରେସ ସମର୍ଥକ ଧରଣୀଧର ମଲ୍ଲିକ, ବାପି ତ୍ରିପାଠୀ, ଚିକୁ ତ୍ରିପାଠୀ, ରିଲୁ ଜେନା, ରମେଶ ଯେନା, ବଳରାମ ଯେନା ପ୍ରମୁଖ ସିଂହପୁରସ୍ଥିତ ଦରିଆନାହାକାଣୀଠାରେ ଛାତ୍ର ବିଜେଡିର ଏକ ସ୍ୱତନ୍ତ୍ର ଉତ୍ସବରେ ଯୋଗଦେଇଥିଲେ। ବିଧାୟିକା ମଲ୍ଲିକ ନେତୃତ୍ୱରେ ନେଇଥିଲେ। ଛାତ୍ର ନେତା ଜିତେନ୍ଦ୍ର ପ୍ରଧାନ, ଜ୍ୟୋତି ପ୍ରକାଶ ମିଶ୍ର, ଲେଲିନ ଦାସ ପ୍ରମୁଖଙ୍କ ପ୍ରୟାସରେ ପାଲଟପୁରର ଭାଜପା ଓ କଂଗ୍ରେସ ସମର୍ଥକ ବିଜେଡିରେ ଯୋଗଦେଇଥିଲେ। ବ୍ଲକ ଅଧକ୍ଷ ନନ୍ଦ କିଶୋର ସାମଲ, ଛାତ୍ର ନେତା ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବିଧାୟିକା ମଲ୍ଲିକଙ୍କ କାର୍ଯ୍ୟଧାରା ଓ ମୁଖ୍ୟମନ୍ତ୍ରୀଙ୍କ ଉପରେ ଆସ୍ଥା ପ୍ରକଟ କରି ସେମାନେ ବିଜେଡିରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି।

### ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ବାଲିଚନ୍ଦ୍ରପୁର,୧୯।୩(ସ୍ୱ.ପ୍ର.)- ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲେଇ ପଞ୍ଚାୟତସ୍ଥିତ ପଟ୍ଟନାୟକ ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଦାସଙ୍କ ଅବସର ଗ୍ରହଣ ଉପଲକ୍ଷେ ରବିବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଶିକ୍ଷାବିତ୍ ଉମାକାନ୍ତ ବଳ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବଡ଼ଚଣା ମଣ୍ଡଳ ଶିକ୍ଷାଧିକାରିଣୀ ସସ୍ମିତା ସାହୁ ଯୋଗଦେଇ ପ୍ରସନ୍ନ ସାର୍ ଜଣେ କର୍ତ୍ତବ୍ୟନିଷ୍ଠ, ସମୟାନୁବର୍ତ୍ତୀ, ଛାତ୍ରବତ୍ସଳ ଶିକ୍ଷକ ଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଶିଶୁ ସାହିତ୍ୟିକ ନଟବର ଦାସ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ସଂଘ ଯାଜପୁର ଜିଲା ସମ୍ପାଦକ କୃତିବାସ ମହାରଣା, ଶିକ୍ଷାବିତ୍ ଶରତ କୁମାର ଦାସ, ଅନନ୍ତ କିଶୋର ମହାନ୍ତି, କ୍ଲଷ୍ଟର ସିଆର୍‌ସିସି ପ୍ରମୋଦ କୁମାର ଦାସ, ସିଆର୍‌ସିସି ସଞ୍ଜୟ କୁମାର ସିଂହ, ଅଜୟ କୁମାର ଲେଙ୍କା, ଗ୍ରାମ୍ୟ ଶିକ୍ଷା କମିଟି ସଭାପତି ଦୁଷ୍ମନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ଶିକ୍ଷକ ଦାସଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ସାହୁ ପ୍ରସନ୍ନ ସାରଙ୍କୁ ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ବଢୁଛି ମହିଳା ଭୋଟରଙ୍କ ସଂଖ୍ୟା

ଯାଜପୁର ଅଫିସ,୧୯।୩

**ଯାଜପୁର ଜିଲା**
- ମହିଳା ନେତ୍ରୀ ଉପେକ୍ଷିତ
- ୧୦୦୦ ପୁରୁଷ ଭୋଟର ଅନୁପାତରେ ୯୦୯ ମହିଳା

ଯାଜପୁର ଜିଲାରେ ୧୦୦୦ ପୁରୁଷ ଭୋଟର ଅନୁପାତରେ ୯୦୯ ମହିଳା ଭୋଟର ରହିଛନ୍ତି । ୨୦୧୪ ନିର୍ବାଚନରେ ମହିଳା ଭୋଟର ଅନୁପାତ ୮୭୪ ରହିଥିଲା । ତେବେ ଏହି ୫ ବର୍ଷ ମଧ୍ୟରେ ମହିଳା ଭୋଟର ଅନୁପାତ ବୃଦ୍ଧି ହୋଇଥିଲେ ହେଁ ରାଜନୀତି କ୍ଷେତ୍ରରେ ମହିଳାଙ୍କୁ ସେଭଳି ଅଗ୍ରାଧିକାର ମିଳୁ ନ ଥିବାରୁ ମହିଳା ନେତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ଯାଜପୁର ଜିଲାର ପ୍ରଥମ ମହିଳା ବିଧାୟିକା ହେବା ଶ୍ରେୟ ସୁକିନ୍ଦା ରାଣୀ ଆନନ୍ଦମଞ୍ଜରୀ ଦେବୀଙ୍କ ରହିଛି । ୧୯୬୭ ମସିହା ସାଧାରଣ ନିର୍ବାଚନରେ ଆନନ୍ଦ ମଞ୍ଜରୀ ଦେବୀ ଓଡିଶା ଜନ କଂଗ୍ରେସରୁ ସୁକିନ୍ଦା ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୭୭ ମସିହା ସାଧାରଣ ନିର୍ବାଚନରେ ସେ ଜନତା ପାର୍ଟି ଦଳରୁ ସୁକିନ୍ଦା ନିର୍ବାଚନ ମଣ୍ଡଳୀରୁ ଦ୍ୱିତୀୟ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ଦୀର୍ଘ ୪୨ ବର୍ଷ ହେଲା ସୁକିନ୍ଦା ନିର୍ବାଚନମଣ୍ଡଳୀରେ ମହିଳାଙ୍କୁ ସ୍ଥାନ ମିଳିନାହିଁ । ଜିଲାର ଦ୍ୱିତୀୟ ମହିଳା ବିଧାୟିକା ଭାବରେ ୧୯୯୦ ମସିହା ସାଧାରଣ ନିର୍ବାଚନରେ ଜନତା ଦଳର ପ୍ରମିଳା ମଲିକ ବିଞ୍ଝାରପୁର(ଏସ୍‌ସି) ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ। ଏହାପରେ ୨୦୦୦ ମସିହାରୁ ଆଜି ପର୍ଯ୍ୟନ୍ତ ପ୍ରମିଳା ବିଜେଡି ଦଳରୁ ଅପ୍ରତିଦ୍ୱନ୍ଦ୍ୱୀ ମହିଳା ବିଧାୟିକା ଭାବେ ନିର୍ବାଚିତ ହୋଇ ଆସୁଛନ୍ତି । ୨୦୦୪ ନିର୍ବାଚନରେ ତୃତୀୟ ମହିଳା ବିଧାୟିକାର ସୌଭାଗ୍ୟ ଲାଭ କରିଥିଲେ ଭାଜପାରୁ ସଞ୍ଚିତା ମହାନ୍ତି। ୨୦୧୪ ଲୋକ ସଭା ନିର୍ବାଚନରେ ରୀତା ତରାଇ ପ୍ରଥମ ଏମ୍‌ପି ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ତେବେ ଏଥର ବିଜେଡିରୁ ଏମ୍‌ପି ଟିକେଟ ପାଇବା ନେଇ ରୀତାଙ୍କ ସଂଶୟ ରହିଛି। ଯାଜପୁର ଜିଲାରେ ବର୍ତ୍ତମାନ ସୁଦ୍ଧା ଭୋଟରଙ୍କ ସଂଖ୍ୟା ୧୪,୪୩,୫୭୭ ରହିଛି । ସେଥିରେ ମହିଳା ଭୋଟରଙ୍କ ସଂଖ୍ୟା ୬,୮୭,୨୬୫ ପୁରୁଷଙ୍କ ସଂଖ୍ୟା ୭,୫୬,୨୩୦ ଓ ଅନ୍ୟାନ୍ୟ ୮୨ ଭୋଟର। ଭୋଟର ତାଲିକାର ସଂଶୋଧନ ପ୍ରକ୍ରିୟା ଜାରି ରହିଛି । ଶତକଡା ୯୯.୧୭ ଭାଗ ଭୋଟରଙ୍କୁ ଭୋଟ ପରିଚୟ ପତ୍ର ମିଳି ସାରିଛି । ୨୦୧୪ ନିର୍ବାଚନରେ ୧୩,୦୦,୭୪୫ ଭୋଟର ରହିଥିବା ବେଳେ ଚଳିତ ନିର୍ବାଚନରେ ବର୍ତ୍ତମାନ ସୁଦ୍ଧା ୧,୪୨,୮୩୨ ଭୋଟରଙ୍କ ସଂଖ୍ୟା ବଢିଛି । ୨୦୧୪ରେ ଅନ୍ୟାନ୍ୟ ମତଦାତାଙ୍କ ସଂଖ୍ୟା ୧୧ ଥିବାବେଳେ ଚଳିତ ବର୍ଷ ୮୨ଜଣ ଅନ୍ୟାନ୍ୟ ମତଦାତା ରହିଛନ୍ତି । ସେଥିମଧ୍ୟରୁ କାଜଲ କିନ୍ନର କୋରେଇ ବିଧାନସଭା ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଚଳିତ ନିର୍ବାଚନରେ ୧୬୧୯ ବୁଥରେ ଭୋଟରମାନେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଆଦର୍ଶ ଆଚରଣବିଧିକୁ ପ୍ରତ୍ୟେକ କଡ଼ାକଡ଼ି ଭାବେ ଅନୁପାଳନ କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ସମସ୍ତଙ୍କୁ ନିବେଦନ କରିବା ସହ ସମସ୍ତ ମତଦାତା ନିଶ୍ଚିତ ଭାବେ ମତଦାନ କରିବାକୁ ସେ ଅନୁରୋଧ କରିଛନ୍ତି।

### କଂଗ୍ରେସର ମିଶ୍ରଣ ପର୍ବ

ସିଂହପୁର,୧୯।୩(ଡି.ଏନ୍.ଏ.)

ବିଞ୍ଝାରପୁର କଂଗ୍ରେସର ମିଶ୍ରଣ ପର୍ବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୋନ୍ ସଭାପତି ମହେନ୍ଦ୍ର ମଲିକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ପୂର୍ବତନ ଜିଲା କଂଗ୍ରେସ ସଭାପତି ଶିଶିର ନାୟକ, କଂଗ୍ରେସ ନେତା ମନୋରଞ୍ଜନ ଦାସଙ୍କ ଉପସ୍ଥିତିରେ ଜିଲା ବିଜେଡି ସଂଖ୍ୟା ଲଘୁ ସେଲର ଉପସଭାପତି ମିରଜା କବୁଲ ବେଗ ଆନୁଷ୍ଠାନିକ ଭାବେ କଂଗ୍ରେସରେ ଯୋଗ ଦେଇଛନ୍ତି। କଂଗ୍ରେସ ନେତା ଦାସ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିବା ସହ ଏହି ମିଶ୍ରଣରେ ଦଳ ଶକ୍ତିଶାଳୀ ହେଲା ବୋଲି କହିଥିଲେ। ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ପାତ୍ର, ଜୋନ ସମ୍ପାଦକ ସୁଦାମ ଚରଣ ସାମଲ, ବିଜନ ଦାସ, ବିଶ୍ୱନାଥ ଦାସ, ଶେକ କୟୁବ, ଶେକ ଅବୁ ବକର, ବୁଲସାହାନଓୌଜ ଅଲ୍ଲୀ ଖାଁ, ମଞ୍ଜୁର ଖାଁ, ସେକ ବାହାରଉଦ୍ଦିନ୍, ମିହିର ମହମ୍ମଦ ହନିଫଲନ, ମହମ୍ମଦ ହନିଫ, ସୁଧାଂଶୁ ପଟ୍ଟନାୟକ, ଘନଶ୍ୟାମ ଜେନା ପ୍ରମୁଖ ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ।

# ‘ଘରେ ଘରେ ଶଙ୍ଖ’ କାର୍ଯ୍ୟକ୍ରମ

କୋରେଇ,୧୯।୩(ସ୍ୱ.ପ୍ର.)



ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଜେଡି କର୍ମୀ ।

କୋରେଇ ବ୍ଲକରେ ସୋମବାର ବିଧାୟକ ଆକାଶ ଦାସନାୟକଙ୍କ ଦ୍ୱାରା ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ପାଣିକୋଇଲି ପଞ୍ଚାୟତରୁ ଆରମ୍ଭ କରାଯାଇଥିବା କାର୍ଯ୍ୟକ୍ରମରେ ବିଧାୟକ ଦାସନାୟକଙ୍କ ସମେତ ବହୁ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇଥିଲେ। ବିଧାୟକ ଘର ଘର ବୁଲି ଲୋକଙ୍କ କାନ୍ଥରେ ଦଳୀୟ ପୋଷ୍ଟର ମାରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ବ୍ଲକ ବିଜେଡି ମହିଳା ସଭାପତି ନିର୍ମଳା ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ମାତାଜୀ ଆଏଚ, ରୁନୁ ଭୂୟାଁ, ସବିତା ମଲିକ, ମମତା ସାହୁ, ଭାନୁପ୍ରଭା କରଣ, ସୁରେଖା ସେଠୀ, ପ୍ରିତୀପଦ୍ମା ସାହୁ, ମାନସୀ ସାହୁ, ଅସିମା ରାଉତରାୟ, ରାଜ୍ୟ ମହିଳା ବିଜେଡି ଉପସଭାପତି ସଂଯୁକ୍ତା ମହାପାତ୍ର, ଜିଲା ପରିଷଦ ସଭ୍ୟ ଧରଣୀଧର ଘଡାଇ, ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁ, ପାଣିକୋଇଲି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ପଣ୍ଡା, ବିଜୟ ଷଡଙ୍ଗୀ, ସମିତିସଭ୍ୟ ସେକ୍ ଜହର ଅଲ୍ଲୀ, ଗୋଲଖ ମାଝି, ନିରଞ୍ଜନ ନାୟକ, ମିର୍ଜା ସବ୍‌ତୁଲ୍ଲା ବେଗ୍, ବିଜୟ ଦତ୍ତ, ଲକ୍ଷ୍ମୀଧର ମଲିକ ପ୍ରମୁଖ ଯୋଗଦେଇଥିଲେ।

### ପିଲେଟ୍ ବିକ୍ରି ଘଟଣାରେ ଦୁଇ ଗିରଫ

କଳିଙ୍ଗନଗର,୧୯।୩(ଡି.ଏନ୍.ଏ)

କଳିଙ୍ଗନଗର ବିଆର୍‌ପିଏଲ୍ କାରଖାନାରୁ ପିଲେଟ ବୋଝେଇ ଟ୍ରକ୍ ପାରାଦୀପ ଯାଉଥିବା ବେଳେ ଗାଡିରୁ ମାଲକୁ ଚୋରାରେ ବିକ୍ରି କରିବା ଅଭିଯୋଗରେ କଳିଙ୍ଗନଗର ପୋଲିସ ସୋମବାର ଦୁଇ ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଜଗତ୍‌ସିଂହପୁର କୁଜଙ୍ଗ ଥାନା କୁଠିଆସାହିର ଦେବୀପ୍ରସାଦ ବେହେରା ଓ ରତ୍ନାକର ସାହୁ । ଏ ନେଇ ଏକ ମାମଲା (ନଂ ୨୮/୧୯) ରୁଜୁକରି ମଙ୍ଗଳବାର ଉଭୟଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ। ପ୍ରକାଶ ଯେ, ଗତ ଜାନୁୟାରୀ ଦ୍ୱିତୀୟ ସପ୍ତାହରେ (ଓଆର ୦୪ଏଚ୍ ୪୬୪୫) ଏକ ଡର ଗାଡି ଅନ୍ୟ ଏକ ଗାଡି (ଓଆର୍‌୦୨ଏଏନ୍‌୯୨୯୧) ନମ୍ବର ପ୍ଲେଟ୍ ଲଗାଇ ବିଆରପିଏଲ କାରଖାନାରୁ ଡୁପ୍ଲିକେଟ୍ ଲାଇସେନ୍ସରେ ଡର୍ଗଲୋଜିଷ୍ଟିକ୍ ଟ୍ରାନ୍ସପୋର୍ଟ ଅଧୀନରେ ପ୍ରାୟ ୧୦ ଟନ୍‌ରୁ ଊର୍ଦ୍ଧ୍ୱ ପିଲେଟ୍ ଲୋଡିଂ କରି ପାରାଦୀପ ଅଭିମୁଖେ ଯାଇଥିଲା। ଗତ ୨୪ ତାରିଖରେ ଗାଡିଟିକୁ ଡ୍ରାଇଭର ରତ୍ନାକର ସାହୁ ପାରାଦୀପ ଅଭିମୁଖେ ନ ନେଇ କଟକ ଟାଙ୍ଗୀ ଅଞ୍ଚଳକୁ ନେଇ ଯାଇଥିଲେ। ସେଠାରେ ଦୁଇଜଣ ଦଲାଲ୍‌ଙ୍କୁ ଉକ୍ତ ମାଲକୁ ୫୦ ହଜାର ଟଙ୍କାରେ ବିକ୍ରି କରି ଫେରାର ହୋଇଯାଇଥିଲେ। ଏ ନେଇ ସମ୍ପୃକ୍ତ ଟ୍ରାନ୍ସପୋର୍ଟର ଡର୍ଗଲୋଜିଷ୍ଟିକର କର୍ମଚାରୀ ଗତ ୨୪।୧।୧୯ରେ କଳିଙ୍ଗନଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଦୁଇଦିନତଳେ ମୋବାଇଲ ଫୋନ୍ କଲ୍‌କୁ ଟ୍ରାପ୍ କରି ପ୍ରଥମେ କୁଜଙ୍ଗ ଅଞ୍ଚଳରୁ ଦେବୀପ୍ରସାଦଙ୍କୁ ଗିରଫ କରିଥିଲା। ପରେ ତାଙ୍କ ସହଯୋଗରେ ଡ୍ରାଇଭର ରତ୍ନାକରଙ୍କୁ ସୋମବାର ବିଳମ୍ବିତ ରାତିରେ ଗିରଫ କରିବାରେ ସକ୍ଷମ ହୋଇଥିଲା । ତେବେ ଘଟଣାରେ ସମ୍ପୃକ୍ତ ଅନ୍ୟଦୁଇ ବ୍ୟବସାୟୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ କହିଛନ୍ତି ।

**ସୁନା ଦୋକାନରୁ ଲୁଟ୍ ଘଟଣା**

## ୩ ଦିନ ପରେ ବି ପୋଲିସ ହାତ ଖାଲି

ଚଣ୍ଡିଖୋଲ,୧୯।୩(ଡି.ଏନ.ଏ.)

ଚଣ୍ଡିଖୋଲ ଛକର ଏକ ହୋଟେଲ ନିକଟରେ ଥିବା ସୁନା ଦୋକାନରୁ ଶନିବାର ସନ୍ଧ୍ୟାରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିଲା। ଏ ନେଇ ଦୋକାନ ମାଲିକ ଚଣ୍ଡିଖୋଲ ଫାଣ୍ଡିରେ ଅଭିଯୋଗ କରିବା ସହ ଦୋକାନର ସିସିଟିଭି ଫୁଟେଜ ମଧ୍ୟ ପୋଲିସକୁ ଦେଇଥିଲେ। ହେଲେ ଘଟଣାର ୩ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇପାରିନାହିଁ। ପ୍ରକାଶ ଯେ, ଶନିବାର ୨ଜଣ ଯୁବକ ସୁନା କିଣିବା ପାଇଁ ଗ୍ରାହକଭାବେ ଦୋକାନକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଦୋକାନରେ ଲୁଟ୍‌ପାଟ କରିଥିଲା ବେଳେ ଅନ୍ୟଜଣେ ଦୋକାନ ତଳେ ମୋଟର ସାଇକେଲ ଧରି ଠିଆ ହୋଇଥିଲା। ଦୋକାନରେ ଥିବା ଯୁବକ ଲୁଟ୍ କରିବା ପରେ ଉଭୟ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ସେମାନଙ୍କୁ ଧରିପାରି ନ ଥିଲା। ଏ ସମ୍ପର୍କରେ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ନାରାୟଣ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ, ଲୁଟେରାଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗିରଫ କରିପାରିନାହିଁ ବୋଲି କହିଥିଲେ।

**ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ଖବରଦାତା ସମ୍ମିଳନୀ**

## କେନ୍ଦ୍ରର ଅବହେଳାକୁ ବିଜେଡିର ବିରୋଧ

ଚଣ୍ଡିଖୋଲ,୧୯।୩(ଡି.ଏନ.ଏ.)

କେନ୍ଦ୍ର ସରକାରଙ୍କ ଅବହେଳା ପ୍ରତିବାଦରେ ବଡ଼ଚଣା ଯୁବ ଓ ଛାତ୍ର ବିଜେଡି ତରଫରୁ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ ପାଇଁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚଣ୍ଡିଖୋଲସ୍ଥିତ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ ଅଧ୍ୟକ୍ଷତା କରିଥିଲେ। ୨ ଲକ୍ଷ ବେକାର ଯୁବକଙ୍କୁ ରୋଜଗାର ଯୋଗାଇଦେବା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ବିଫଳତା ସହ ଦଳିତ ଓ ଆଦିବାସୀ ଛାତ୍ରୀଛାତ୍ରଙ୍କ ବୃତ୍ତି ଅର୍ଥକୁ ସଙ୍କୁଚିତ କରିବା, ଓଡ଼ିଶାର ଖଣି ଖାଦାନରୁ କେନ୍ଦ୍ର ପାଉଥିବା ରୟାଲିଟ୍ର ସଦୁପଯୋଗ ନ ହେବା, ମହାନଦୀ ଜଳ ବିବାଦରେ ପକ୍ଷପାତ କରିବା, କୃଷି କ୍ଷେତ୍ରରେ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଦେବା କ୍ଷେତ୍ରରେ ବିଫଳତା ପ୍ରତିବାଦରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରାଯାଇଥିଲା। ବଡ଼ଚଣା ବିଜେଡି ସଭାପତି ଅରବିନ୍ଦ ସାମଲ, ଛାତ୍ର ବିଜେଡି ସଭାପତି ଯଚୀନ୍ଦ୍ର ନାୟକ, ନିରଞ୍ଜନ ସେନାପତି, ମିହିର ସ୍ୱାଇଁ, ଅମ୍ବିକା ମହାନ୍ତି, ପ୍ରଦୀପ୍ତ ବଳ, ଆଶିଷ ରଞ୍ଜନ ଚୌଧୁରୀ, ଗିରିଶ ପାତ୍ର, ସମିତି ସଭ୍ୟା ତପସ୍ୱିନୀ ବାରିକ, ଅନନ୍ତ ଜେନା, ସୁକୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ଅବହେଳା ବିରୋଧରେ ଜନସଚେତନତା ସୃଷ୍ଟି କରିବା ପାଇଁ ଆସନ୍ତା ୨୧ରୁ ୨୭ ତାରିଖ ପର୍ଯ୍ୟନ୍ତ ବଡ଼ଚଣା ଅଞ୍ଚଳର ଚଣ୍ଡିଖୋଲ, ଦର୍ପଣୀ, ଛତିଆ, ଚାରିନଙ୍ଗଳ, ବାଲିକୁଦାଠାରେ ଯୁବ ଛାତ୍ରଙ୍କୁ ନେଇ ପଥପ୍ରାନ୍ତ ସଭା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା। ଶେଷରେ ଜୋନ୍ ସଭାପତି ସଞ୍ଜୟ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ମା’ ଦରିଆ ନାହାକାଣୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି

ସିଂହପୁର,୧୯।୩(ଡି.ଏନ୍.ଏ.)

ସିଂହପୁର ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା’ ଦରିଆ ନାହାକାଣୀଙ୍କ ୧୭ତମ ବିଶ୍ୱଶାନ୍ତି ପଞ୍ଚଭୂତ ମହାଯଜ୍ଞ ପାଇଁ ସୋମବାର ମା’ଙ୍କ ପୀଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେଘନାଦ ମହାଲିକ ସଭାପତିତ୍ୱ କରିଥିଲେ। ସନାତନ ମହାନ୍ତି, ନିର୍ମଳ ବେହେରା, ବସନ୍ତ ବେଉରିଆ, ପରେଶ ରାଉତ, ବସନ୍ତ ଦାସ ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ। ଏପ୍ରିଲ ୧ ତାରିଖଠାରୁ ବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଅନ୍ନଦାନ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ଯଜ୍ଞର ସୁପରିଚାଳନା ପାଇଁ ତ୍ରିନାଥ ବେଉରିଆ, ପୁରୁଷୋତ୍ତମ ବେହେରା, ଦିଗାମ୍ବର ପାତ୍ର, ନିରଞ୍ଜନ ବେଉରିଆ, ଗୋବିନ୍ଦ ଚନ୍ଦ୍ର ସାମଲଙ୍କୁ ଦାୟିତ୍ୱ ଦିଆଯାଇଛି।

**ହକ୍ ମାଗୁଛି ଓଡ଼ିଶା**

## ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ଦାବି

ଧର୍ମଶାଳା,୧୯।୩(ଡି.ଏନ୍.ଏ.)

ଜାରକାସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବଜନତା ଦଳର ନିର୍ବାଚନମଣ୍ଡଳୀ ସଭାପତି ସବ୍ୟସାଚୀ ସୁନ୍ଦରାୟ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପ୍ରାକୃତିକ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶା ଦେଶର ଅଗ୍ରଗତିରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଆସୁଥିଲେ ମଧ୍ୟ ରାଜନୈତିକ ଉଦ୍ଦେଶ୍ୟ ରଖି କେନ୍ଦ୍ର ସଦାସର୍ବଦା ଅବହେଳା କରିଆସିଛି। ଓଡ଼ିଶାରୁ କୋଟି କୋଟି ଟଙ୍କାର ରାଜସ୍ୱ କେନ୍ଦ୍ର ସରକାର ଆଦାୟ କରୁଥିବାବେଳେ ପ୍ରତି ବଦଳରେ ରାଜ୍ୟ ରାଜ୍ୟବାସୀଙ୍କୁ ମିଳୁଛି ପ୍ରତାରଣା। ଏହାଠାରୁ ବଡ ଦୁଃଖର କଥା କ୍ଷମତା ଲୋଭୀ ରାଜ୍ୟ ଭାଜପାର କେତେଜଣ ନେତା ସବୁ ଜାଣିଶୁଣି ମଧ୍ୟ ନୀରବତା ଅବଲମ୍ବନ କରି ଆସୁଛନ୍ତି। ରାଜ୍ୟକୁ ସ୍ୱତନ୍ତ୍ରତା ପାହ୍ୟ ମାନ୍ୟତା, ନିଯୁକ୍ତି, ମହାନଦୀ, ଜାତୀୟ ରାଜପଥ, ଟେଲିକମ୍, ରେଳବାଇ, ବ୍ୟାଙ୍କସେବା, କୋଇଲା, ଏମ୍‌ଏସ୍‌ପି ପ୍ରଭୃତି ଦାବି ନେଇ କେନ୍ଦ୍ର ସରକାର ଅବହେଳା ପ୍ରଦର୍ଶନ କରୁଛନ୍ତି। ଅପରପକ୍ଷେ ଅନୁସୂଚିତ ଜାତିଜନଜାତିଙ୍କ ଉପରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ପଡୁନାହିଁ। ଏହାକୁ ନେଇ ଆଗାମୀ ଦିନରେ ପ୍ରତିପଞ୍ଚାୟତ ଓ ଗ୍ରାମାଞ୍ଚଳରେ ହକମାଗୁଛି ଓଡ଼ିଶା କାର୍ଯ୍ୟକ୍ରମକୁ ତୀବ୍ରତର କରାଯିବ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ସୂଚନା ଦେଇଥିଲେ। ରାଜ୍ୟ ଯୁବଜନତାଦଳ ଓଡ଼ିଶା ଉପସଭାପତି ରାକେଶ ନାୟକ, ଜିଲା ସାଧାରଣ ସମ୍ପାଦକ କ୍ଷିତୀଶ କୁମାର ନାୟକ, ମନୋଜ କୁମାର ରାଉତ, ଧର୍ମଶାଳା ଛାତ୍ର ବିଜୁ ଜନତାଦଳ ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ବିଜୁ ଯୁବ ଛାତ୍ର ଜନତା ଦଳ ନିଜ ହକ୍ ମାଗିଛି।

## ପରମାନନ୍ଦପୁର-ମେଣ୍ଟ ରାସ୍ତାରେ ଗର୍ତ୍ତ


ପରମାନନ୍ଦପୁର-ମେଣ୍ଟ ରାସ୍ତା ।

ବରୀ,୧୯।୩(ସ୍ୱ.ପ୍ର.)

ବରୀ ବ୍ଲକ ଅଧୀନ ପରମାନନ୍ଦପୁରରୁ ମେଣ୍ଟ ପର୍ଯ୍ୟନ୍ତ ୫ କି.ମି ରାସ୍ତା ରହିଛି। ଏହି ରାସ୍ତା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହୋଇଥିଲାବେଳେ ପୋଲରୁ ଢଳେଇ ଛାଡିଯାଇ ଫାଟ ସୃଷ୍ଟି ହୋଇଛି। କେତେକ ସ୍ଥାନରେ ରାସ୍ତା ଫାଟି ଗର୍ତ୍ତ ମଧ୍ୟ ସୃଷ୍ଟି ହୋଇଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ଯାତ୍ରୀଙ୍କ ପାଇଁ ବିପଦ ଦେଖାଦେଇଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅଧୀନରେ ଏହି ରାସ୍ତା ରହିଥିଲାବେଳେ ନିର୍ମାଣ ଓ ମରାମତି ପାଇଁ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆସିଥିବା ଜଣାପଡିଛି। ପରମାନନ୍ଦପୁର ପାଟରେ ଥିବା ପୋଲ ଉପରୁ ଢଳେଇ ଛାଡିଯାଇ ରଡ଼ ଦେଖାଯାଉଛି। ଏଠାରେ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଥିଲାବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁ ନ ଥିବା ଅଭିଯୋଗ ହୋଇଛି। ସ୍ୱାଇଁଖଣ୍ଡ ନିକଟରେ ଏହି ରାସ୍ତା ଫାଟି ଯାଇଥିଲାବେଳେ ଗର୍ତ୍ତ ମଧ୍ୟ ସୃଷ୍ଟି ହୋଇଛି। ମରାମତି ନାଁରେ ଆସୁଥିବା ଅର୍ଥକୁ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀ ମିଶି କାଗଜ କଲମରେ କାର୍ଯ୍ୟ କରି ବିଲ୍ ଉଠାଇ ନେଉଥିବା ଅଭିଯୋଗରୁ ଜଣାପଡ଼ିଛି। ଏ ନେଇ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହେଉଥିଲାବେଳେ ସେ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ମହାରଣାଙ୍କୁ ପଚାରିବାରୁ, ନୂତନଭାବେ ଯୋଗଦେଇଛନ୍ତି। ଘଟଣାସ୍ଥଳ ପରିଦର୍ଶନ କରିବା ପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଥିଲେ।

### ବେଆଇନ ମାଟି ଉଠାଣକୁ ଜନପ୍ରତିନିଧିଙ୍କ ବିରୋଧ

କୋରେଇ,୧୯।୩(ସ୍ୱ.ପ୍ର.)

କୋରେଇ ବ୍ଲକ ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତର ସୋତି ଗ୍ରାମରୁ ସୋମବାର ରାତିରେ ବେଆଇନ ମାଟି ଉଠାଣକୁ ନେଇ ପଞ୍ଚାୟତର ଜନପ୍ରତିନିଧି ବ୍ୟାସନଗର ତହସିଲଦାର ନିରଞ୍ଜନ ବେହେରାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଚାଷୀଙ୍କ ବିନା ଅନୁମତିରେ ବେଆଇନଭାବେ ସେମାନଙ୍କ ହିଡଗୁଡିକୁ ହାଣିଥିଲେ। ଏଥିସହ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରୁ ମାଟି ଉଠାଯିବା ଯୋଗୁ ରାସ୍ତା ଭାଙ୍ଗିବା ସହ ଚାଷୀଙ୍କର ବହୁ କ୍ଷତି ହୋଇଛି। ଚାଷୀମାନେ ରାତିରେ ଗାଡ଼ି ଅଟକାଇ ରାଜସ୍ୱ ନୀରିକ୍ଷକଙ୍କୁ ଜଣାଇଥିଲେ। ହେଲେ ନୀରିକ୍ଷକ ତହସିଲଦାରଙ୍କୁ ଜଣାଇବାକୁ କହିଥିଲେ। ତହସିଲଦାରଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ସମିତିସଭ୍ୟା ଭାନୁପ୍ରଭା କରଣଙ୍କ ନେତୃତ୍ୱରେ ୧୦ରୁ ଊର୍ଦ୍ଧ୍ୱ ୱାର୍ଡ ସଭ୍ୟାସଭ୍ୟ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଚୋରାଚାଲାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ଦାବି କରିଛନ୍ତି।

**ଧର୍ମଶାଳା ନିର୍ବାଚନମଣ୍ଡଳୀରେ କଂଗ୍ରେସ ରାଜନୀତି**

## ସ୍ଥାନୀୟ ନେତାଙ୍କୁ ଉପେକ୍ଷା

ଧର୍ମଶାଳା,୧୯।୩(ଡି.ଏନ.ଏ.)

ନିର୍ବାଚନମଣ୍ଡଳୀ ସହ କୌଣସି ସମ୍ପର୍କ ନ ରଖି ଦଳୀୟ ହାଇକମାଣ୍ଡଙ୍କଠାରୁ ଟିକେଟ ଆଣି ନିର୍ବାଚନ ଲଢ଼ିବାର ଏକ ନୂଆଧାରା ସୃଷ୍ଟି ହୋଇଥିବାରୁ ସ୍ଥାନୀୟ ନେତାଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଧର୍ମଶାଳା ନିର୍ବାଚନମଣ୍ଡଳୀରୁ ବାଙ୍କ ବିହାରୀ ଦାସ, ପରମାନନ୍ଦ ମହାନ୍ତି, ଗଦାଧର ଦତ୍ତଙ୍କ ଭଳି ଜନପ୍ରିୟ ନେତା ଏଠାରୁ ବିଧାୟକ ହୋଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମେତ ଚିତ୍ତରଞ୍ଜନ ନାୟକ ଭଳି ଟାଣୁଆ ନେତା ଏଠାରେ ପ୍ରାର୍ଥୀ ହୋଇ ପରାଜିତ ହୋଇଛନ୍ତି। ଏଥିରୁ ଭୋଟରଙ୍କ ସ୍ୱତନ୍ତ୍ର ସ୍ୱାଭିମାନ କଥା ମଧ୍ୟ ଉଠିଛି। ଦଳୀୟ ସଂଗଠନ ନ ଥାଇ ହଠାତ୍ କୌଣସି ଦଳରୁ ଟିକେଟ ହାତେଇ ଏଠାରେ ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦ୍ୱିତା କରିବା ପରାଜୟର କାରଣ ହୋଇଛି। ଏହି ନିର୍ବାଚନମଣ୍ଡଳୀକୁ ବହୁ ପୂର୍ବରୁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଅଣଦେଖା କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡିଛି। ଯାହାଫଳରେ ଏଠାରେ କଂଗ୍ରେସ ସଂଗଠନ ଦିନକୁ ଦିନ ଭୁଷୁଡିବାରେ ଲାଗିଛି। ହଠାତ ଜଣେ ନବାଗତଙ୍କୁ ଏଠାରେ ଦଳୀୟ ପ୍ରାର୍ଥୀ ରୂପେ ଉଭା କରାଯିବା ଫଳରେ ଦଳରେ ବିଶୃଙ୍ଖଳା ଦେଖା ଦେବା ସହ ଦଳ କର୍ମୀଙ୍କ ଆସ୍ଥା ହରାଉଛି। ପୂର୍ବ ରେକର୍ଡକୁ ଅନୁଧ୍ୟାନ କଲେ ବଡ଼ଚଣା ବ୍ଲକର ନଟବର ବଳ ଏଠାରେ ୧୯୮୦ ମସିହାରେ କଂଗ୍ରେସ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ୧୯୯୫ରେ ସଂଗଠନ ନ ଥାଇ ଧର୍ମଶାଳା କଂଗ୍ରେସ ରାଜନୀତିରେ ଶ୍ରୀନାଥ ମିଶ୍ର ୧୯୯୫ରେ କଂଗ୍ରେସ ଦଳରୁ ପ୍ରାର୍ଥୀ ହୋଇ ଅମାନତ ହରାଇଲେ। କାଙ୍ଗାଳି ପଣ୍ଡା ଓ କିଶାନ ପଣ୍ଡାଙ୍କ ହାତରେ ଥିବା ସଂଗଠନକୁ ଦୁର୍ବଳ କରିବା ପାଇଁ ତ୍ରିନାଥ ମିଶ୍ରଙ୍କୁ ଟିକେଟ ଦେବାରେ ବିଜେଡିର ପୂର୍ବତନ ବିଧାୟକଙ୍କ ହାତ ଥିଲା ବୋଲି କୁହାଯାଏ । ଏହିକ୍ରମରେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଏଠାରେ ଦୁର୍ବଳ ହେବା ଯୋଗୁ ବିଜେଡି ଦଳ କାୟା ବିସ୍ତାର କରି ପାରିଥିଲା । ପୂର୍ବତନ ବିଜେଡି ବିଧାୟକଙ୍କ ସହଯୋଗକ୍ରମେ ଏଠାରେ ୧୯୯୫ରେ କଂଗ୍ରେସ ଦଳରୁ ପ୍ରାର୍ଥୀ ହୋଇଥିବା ଶ୍ରୀନାଥ ମିଶ୍ର ୨୦୦୦, ୨୦୦୯, ୨୦୧୪ ସାଧାରଣ ନିର୍ବାଚନରେ ପରାଜୟ ବରଣ କରିଥିଲେ । ଫଳରେ କଂଗ୍ରେସ ସଂଗଠନ କ୍ରମଶଃ ଦୁର୍ବଳ ହେବା ସହ ବିଜେଡି ଓ ପରେ ଭାଜପା ସଂଗଠନ ସୁଦୃଢ ହେବାରେ ଲାଗିଲା। ତେବେ ଚଳିତ ଥର ଅମାନତ ହରାଇଥିବା ପ୍ରାର୍ଥୀଙ୍କୁ ଆଉ ଦଳୀୟ ଟିକେଟ ଦିଆଯିବ ନାହିଁ ବୋଲି ପିସିସି ପକ୍ଷରୁ ବିଜ୍ଞପ୍ତି ଜାରି ପରେ ବାରମ୍ବାର ଏଠାରେ ଦଳୀୟ ପ୍ରାର୍ଥୀ ହୋଇଥିବା ଶ୍ରୀନାଥ ମିଶ୍ର ଧର୍ମଶାଳା ରାଜନୀତିରୁ ଉଭେଇ ଯାଇଛନ୍ତି। ଏବେ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଧର୍ମଶାଳା ଅଞ୍ଚଳର ଯୁବନେତା କିଶାନ ପଣ୍ଡା ଦଳର ସାଙ୍ଗଠନିକ ଦାୟିତ୍ୱରେ ରହି ଭୁଷୁଡି ପଡୁଥିବା କଂଗ୍ରେସ ଘରକୁ କେତେକାଂଶରେ ସଜାଡିବାରେ ସହାୟକ ହୋଇପାରିଛନ୍ତି। କ୍ଷମତାରୁ ଦୂରରେ ରହି ଅନେକ ନେତା ଦଳଛାଡି ଅନ୍ୟ ଦଳରେ ସାମିଲ ହୋଇଥିବା ବେଳେ ଧର୍ମଶାଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ କିଶାନ ପଣ୍ଡା କଂଗ୍ରେସ ଦଳରେ ରହି ଜନସାଧାରଣଙ୍କ ସୁଃଖଦୁଃଖରେ ସାମିଲ ହେବାରେ ସକ୍ଷମ ହୋଇଛନ୍ତି। ସ୍ୱାଧୀନତା ପରଠାରୁ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଧର୍ମଶାଳା ବ୍ଲକ ଅଞ୍ଚଳର କୌଣସି ପ୍ରାର୍ଥୀଙ୍କୁ କଂଗ୍ରେସ ଟିକେଟ ମିଳିନାହିଁ । ସମୟ ବଦଳିଛି, ଏବେ ଧର୍ମଶାଳାର ସଚେତନ ନାଗରିକ ଓ ବୁଦ୍ଧିଜୀବୀମାନଙ୍କ ପକ୍ଷରୁ କଂଗ୍ରେସ ଦଳରୁ ଦାବିଦାର ଥିବା ଧର୍ମଶାଳା ଅଞ୍ଚଳର ନେତାଙ୍କୁ ଦଳୀୟ ଟିକେଟ ଦିଆଯିବାକୁ ପିସିସି ନିକଟରେ ଦାବି କରାଯାଇଛି। ଏ ସଂକ୍ରାନ୍ତରେ ଜିଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କ ମତାମତ ମିଳିପାରି ନାହିଁ।

# ଦାମ ଯୋଗଦେବା ପରେ ଭାଜପାରେ ଅସ୍ଥିରତା

**ଦୁଇ ନିର୍ବାଚନମଣ୍ଡଳୀରେ ଚର୍ଚ୍ଚା**

■ଯାହାଙ୍କୁ ବିରୋଧ କରୁଥିଲେ, ତାଙ୍କୁ ଗ୍ରହଣ କରିବା କଷ୍ଟ

■ଦଳ ଛାଡ଼ିବାକୁ ଚିନ୍ତା କରୁଛନ୍ତି ସ୍ଥାନୀୟ ନେତା

କୁଜଙ୍ଗ,୧୯ା୩(ସ୍ୱ.ପ୍ର.)

ବିଜେଡିରୁ ବହିଷ୍କୃତ ନେତା ଦାମୋଦର ରାଉତ ଭାଜପାରେ ଯୋଗଦେବା ପରେ ଦଳ ଅସ୍ଥିରତା ଆଡକୁ ଗତିକରୁଛି। ଜଗତ୍‌ସିଂହପୁର ଜିଲାର ଦୁଇ ନିର୍ବାଚନମଣ୍ଡଳୀ ପାରାଦୀପ ଓ ବାଲିକୁଦା-ଏସରମାରେ ଭାଜପାର ବର୍ତ୍ତମାନ ସ୍ଥିତିକୁ ଅନୁଧ୍ୟାନ କଲେ ଏଭଳି ମନେ ହେଉଛି। ଯେହେତୁ ଏହି ଦୁଇ ନିର୍ବାଚନମଣ୍ଡଳୀରେ ଦାମ ଅତିତରେ ନେତୃତ୍ୱ ନେଇଥିଲେ ଓ ଏବେ ଭାଜପାର ରାଜ୍ୟ ନେତୃବର୍ଗଙ୍କ ସମର୍ଥନ ପାଉଛନ୍ତି, ତେଣୁ ଉଭୟ ନିର୍ବାଚନମଣ୍ଡଳୀରେ ସେ ନିଜର ପ୍ରଭାବ ବିସ୍ତାର କରିବାକୁ ଉଦ୍ୟମ କରୁଛନ୍ତି। ମାତ୍ର ସ୍ଥାନୀୟ ଭାଜପା ନେତାମାନେ ଏହାକୁ ସହଜରେ ଗ୍ରହଣ କରିବା ସ୍ଥିତିରେ ନ ଥିବା କୁହାଯାଉଛି। ଯେଉଁ ନେତାଙ୍କ ବିରୋଧରେ ସେମାନେ ବିଗତ ୩ ଦଶନ୍ଧୀ ଧରି ଜନମତ ସୃଷ୍ଟି କରିଆସୁଥିଲେ, ଏବେ ତାଙ୍କ ସହ ମିଶି କିଭଳି ପ୍ରଚାର କରିବେ ବୋଲି ସେମାନେ ଚିନ୍ତାରେ ପଡିଛନ୍ତି। ଦାମ ମଧ୍ୟ ଅତିତରେ ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ହଇରାଣ କରିବା ସହ ଭର୍ତ୍ସନା କରୁଥିଲେ। ତେଣୁ ସ୍ଥାନୀୟ ଭାଜପାନେତାମାନେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଦଳ ଛାଡ଼ିବାକୁ ବିଚାର କରୁଥିବା ଚର୍ଚ୍ଚା ହେଉଛି। ସୋମବାର ବାଲିକୁଦା-ଏରସମାର ଭାଜପା ନେତା ରଘୁନନ୍ଦନ ଦାସ ଦଳ ଛାଡ଼ି ବିଜେଡିରେ ମିଶିବା ପରେ ଏହା ସ୍ପଷ୍ଟ ହୋଇଛି। ସମାନ ଭାବେ ପାରାଦୀପ ନିର୍ବାଚନମଣ୍ଡଳୀର କେତେଜଣ ଭାଜପା ନେତା ଓ କର୍ମୀ ଦଳ ଛାଡ଼ିବେ ବୋଲି ଆଲୋଚନା ହେଲାଣି।

ବିଗତ ବର୍ଷକୁ ଅନୁଧ୍ୟାନ କଲେ ବିରୋଧୀ କଂଗ୍ରେସ ଅପେକ୍ଷା ଦାମଙ୍କ ସହ ଭାଜପାର ଅଧିକ ତୁ ତୁ ମେ ମେ ହୋଇଥିବା ଜଣାଯାଏ। ଦାମଙ୍କ ୩ଟି ମନ୍ତବ୍ୟକୁ ଦଳ ବଡ଼ ଧରଣର ଇସ୍ୟୁ କରିଥିଲା। ହରିଜନ ବିରୋଧୀ ମନ୍ତବ୍ୟକୁ ନେଇ କୁଜଙ୍ଗ ଓ ପାରାଦୀପରେ ଭାଜପା ପକ୍ଷରୁ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଦଳିତ ମହାସଂଘ ପକ୍ଷରୁ ଏନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା ଓ ଭାଜପା ଏହାକୁ ମୁଖ୍ୟ ପ୍ରସଙ୍ଗ କରିଥିଲା। ସେହିପରି ଦାମଙ୍କ ଅଙ୍ଗନୱାଡି ମନ୍ତବ୍ୟକୁ ମଧ୍ୟ ସାରା ରାଜ୍ୟରେ ବିରୋଧ କରାଯାଇଥିଲା। ଏଭଳି ମହିଳା ବିରୋଧୀ ରୁଚିହୀନ ମନ୍ତବ୍ୟ ପାଇଁ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ରାସ୍ତାକୁ ଓହ୍ଲାଇଥିଲା। କୁଜଙ୍ଗ ଓ ପାରାଦୀପରେ ମଧ୍ୟ ଦାମଙ୍କୁ ଜୋରଦାର ବିରୋଧ କରାଯାଇଥିଲା। ଦାମ ପୁଣି ଥରେ ବ୍ରାହ୍ମଣ ସମାଜ ପ୍ରତି ଅପମାନସୂଚକ ମନ୍ତବ୍ୟ ଦେଇ ବିବାଦୀୟ ହୋଇଥିଲେ। ଉଭୟ ବ୍ରାହ୍ମଣ ସମାଜ ଓ ଭାଜପାର ଆନ୍ଦୋଳନ ଯୋଗୁ ଦାମ ମନ୍ତ୍ରୀପଦ ହରାଇଥିଲେ। ଶେଷରେ ବିଜେଡିରୁ ବହିଷ୍କୃତ ହେଲେ। ତେଣୁ ଭାଜପା ପାଇଁ ହିଁ ଦାମଙ୍କ ଦୁର୍ଦ୍ଦିନ ଆସିଥିଲା ବୋଲି ଚର୍ଚ୍ଚା ହୋଇଥିଲା। ସେ ବିଜେଡିରୁ ବହିଷ୍କୃତ ହେବା ପରେ କଂଗ୍ରେସ ଶିବିରରେ ଦେଖିବାକୁ ମିଳିଥିଲେ। ପରେ ନିଜେ ଦଳ ଗଢିବେ ବୋଲି ଚର୍ଚ୍ଚା ହେଲା। ଶେଷରେ ଭାଜପାରେ ଯୋଗଦେଲେ। କେବଳ ସେତିକି ନୁହେଁ, ଯୋଗଦେବାର କିଛି ସମୟ ପରେ ସେ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀରୁ ଲଢିବାକୁ ଆଶାୟୀ ବୋଲି ଖୋଲାଖୋଲି ପ୍ରକାଶ କଲେ। ପରିଣାମ ସ୍ୱରୂପ ରଘୁନନ୍ଦନଙ୍କୁ ଭାଜପା ଛାଡ଼ି ବିଜେଡିରେ ମିଶିବାକୁ ପଡିଲା। ରଘୁନନ୍ଦନ ଭାଜପା ଛାଡ଼ିବା ପରେ ବାଲିକୁଦା-ଏରସମାରେ ଦଳକୁ ଶକ୍ତ ଧକ୍କା ଲାଗିଛି। ଏପରିସ୍ଥିତିରେ ଦାମ ସେଠାରେ ଦଳକୁ କିପରି ଜିତାଇବେ ତାହା ଆଲୋଚ୍ୟର ବିଷୟ ହୋଇଛି। ପାରାଦୀପ ନିର୍ବାଚନମଣ୍ଡଳୀରେ ଗତ ପଞ୍ଚାୟତ ନିର୍ବାଚନରେ ଦାମଙ୍କ ନେତୃତ୍ୱ ବିରୋଧରେ ଲଢି ଭାଜପା ୨ଟି ଜିଲାପରିଷଦ ଜୋନରେ ବିଜୟୀ ହୋଇଥିଲା। ସେହିପରି ଦାମ ବିରୋଧୀ ନୀତି ଯୋଗୁ ୧୭୫୨ ଜମିହରା ପରିବାରଙ୍କ ଆସ୍ଥା ଭାଜନ ହେବାରେ ଲାଗିଥିଲା ଭାଜପା। ସ୍ଥାନୀୟ ବିଧାୟକ ଭାବେ ଦାମଙ୍କଠାରୁ ଆବଶ୍ୟକ ସମର୍ଥନ ନ ପାଇ ଜମିହରାମାନେ ବିଜେଡି ବିରୋଧୀ ହେବା ସହ ଭାଜପା ମୁହାଁ ହୋଇଥିଲେ। ତେଣୁ ଦାମଙ୍କୁ ଆପଣାଇବା ପରେ ଭାଜପା ଲାଭବାନ ହେବ ନା କ୍ଷତିଗ୍ରସ୍ତ ହେବ ତାହାକୁ ନେଇ ଆଲୋଚନା ଜୋର ଧରିଛି। ପୂର୍ବରୁ ଯେଉଁ ଦଳ ଦାମଙ୍କୁ ଦଳିତ, ମହିଳା ଓ ବ୍ରାହ୍ମଣ ବିରୋଧୀ ବୋଲି କହୁଥିଲା, ଏବେ ସେହି ଦଳରେ ମିଶି ଦାମ ବିଜେଡିକୁ ମହିଳା ବିରୋଧୀ କହୁଛନ୍ତି। ଦାମଙ୍କ ଏଭଳି ବିଜେଡି ବିରୋଧୀ ମନ୍ତବ୍ୟରେ ଭାଜପାର ରାଜ୍ୟ ନେତୃବର୍ଗ ଖୁସି ହେଉଛନ୍ତି। ମାତ୍ର ବାଲିକୁଦା-ଏରସମା ଓ ପାରାଦୀପ ନିର୍ବାଚନମଣ୍ଡଳୀରେ ଭାଜପାର ପୁରୁଣା ନେତା ଓ କର୍ମୀମାନେ ଦାମଙ୍କ ପ୍ରଭାବ ବିସ୍ତାରକୁ କିପରି ଗ୍ରହଣ କରୁଛନ୍ତି, ତାହା ଆଉ ଦିନ କେଇଟାରେ ସ୍ପଷ୍ଟ ହୋଇଯିବ।

## ସଂକ୍ଷେପରେ

### ଅବସରପ୍ରାପ୍ତ ଶିକ୍ଷକ ମଞ୍ଚ ବୈଠକ

**ତିର୍ତ୍ତୋଲ,୧୯ା୩(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ନିମ୍ନମାଧମିକ ଅବସରପ୍ରାପ୍ତ ଶିକ୍ଷକ ମଞ୍ଚର ଏକ ବୈଠକ ସ୍ଥାନୀୟ ନାଉସୀରା ଆଖଣ୍ଡଳମଣି ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଶିକ୍ଷକ ଗୌରବ ସ୍ୱର୍ଗତ ବନମାଳି ବ୍ରହ୍ମଚାରୀଙ୍କ ଫଟୋରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲା ସଭାପତି ସୁରେଶ ଚନ୍ଦ୍ର ରାଉତ ବୈଠକରେ ସଭାପତିତ୍ୱ କରିଥିଲେ। ରାଜ୍ୟ ସଂଘ ଉପଦେଷ୍ଟା ବିଜୟ କୁମାର ବିଶ୍ୱାଳ, ଜିଲା କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ଆଚାର୍ଯ୍ୟ, ଜିଲା ଉପଦେଷ୍ଟା ହୃଷୀକେଶ ଚଇନି, ଜିଲା ସମ୍ପାଦକ ଶାରଦା ପ୍ରସାଦ ସିଂ, ସହସମ୍ପାଦକ ନିରଞ୍ଜନ ପାତ୍ର ଓ ଜିଲା ଉପସଭାପତି ବିଜୟ କୁମାର ନନ୍ଦ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଏକଜୁଟ ହୋଇ ନିଜର ହକ ହାସଲ କରିବା ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ତିର୍ତ୍ତୋଲ ବ୍ଲକର ନୂତନ କର୍ମକର୍ତ୍ତା ଭାବେ କାର୍ଯ୍ୟକାରୀ ସଭାପତି ଶରତ ଚନ୍ଦ୍ର ଦାସ(ବରିଷ୍ଠ), ଉପସଭାପତି କ୍ଷୀରୋଦ ଚନ୍ଦ୍ର ମହାନ୍ତି, ଭାନୁଦେବ ରାଉତ, ସମ୍ପାଦକ ଶରତ ଚନ୍ଦ୍ର ଦାସ(କନିଷ୍ଠ), ଯୁଗ୍ମ ସମ୍ପାଦକ ଗୌତମ ନାୟକ, ନିହାର ରଞ୍ଜନ ଆଚାର୍ଯ୍ୟ, ସହ ସମ୍ପାଦକ ଆଦିକନ୍ଦ ସାହାଣୀ, କୋଷାଧକ୍ଷ ମଣିଚରଣ ସାହୁ, ଉପଦେଷ୍ଟା ବସନ୍ତ କୁମାର ଦାଶ, ଦ୍ୱାରିକାନାଥ ନାୟକଙ୍କୁ ଚୟନ କରାଯାଇ ଶପଥ ପାଠ କରାଯାଇଥିଲା।

### ମା' ହରଚଣ୍ଡୀଙ୍କ ଜନ୍ମୋତ୍ସବ



**ବିରିଡ଼ି,୧୯ା୩(ଡି.ଏନ.ଏ.):** ବିରିଡ଼ି ବ୍ଲକ ଅଢଙ୍ଗଗଡ଼ ବସନ୍ତପୁର ଗ୍ରାମର ଶ୍ରୀ ଶ୍ରୀ ବଟ ଗୋସ୍ୱାମୀ ଓ ମା' ହରଚଣ୍ଡୀଙ୍କ ପୀଠରେ ୨୫ ତମ ବାର୍ଷିକ ଜନ୍ମୋତ୍ସବ ପାଳିତ ହୋଇଛି। ବଟ ଗୋସ୍ୱାମୀଙ୍କ ପୀଠରେ ଶୁଭାଧିବାସ, କଳସଯାତ୍ରା, ନାମସଂକୀର୍ତ୍ତନ ଓ ହରିହାଟ ଅନୁଷ୍ଠିତ ହୋଇଥିବାବେଳେ ମା' ହରଚଣ୍ଡୀଙ୍କ ପୀଠରେ କଳସଯାତ୍ରା, ଅଙ୍କୁରାରୋପଣ, ଦେବଦେବୀ ନିମନ୍ତ୍ରଣ, ସୂର୍ଯ୍ୟପୂଜା, ଦେବୀସ୍ନାନ, ସପ୍ତଚଣ୍ଡୀ ପୂଜା, ଯଜ୍ଞଆହୂତି, ପୂର୍ଣ୍ଣାହୂତି ଓ ପରେ ଚତୁର୍ଥ ପ୍ରହର ନାମଯଜ୍ଞ ହୋଇଥିଲା। ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଏହି ସବୁ କାର୍ଯ୍ୟକ୍ରମ ଯଥାବିଧି ଅନୁଷ୍ଠିତ ହୋଇଥିଲା।

### ଆଇଓସିଏଲ୍ ରିଫାଇନେରୀ ପକ୍ଷରୁ ମକଡ୍ରିଲ

**ପାରାଦୀପ,୧୯ା୩(ସ୍ୱ.ପ୍ର.):** ପାରାଦୀପର ଇଣ୍ଡିଆନ ଅଏଲ ରିଫାଇନେରୀ ପକ୍ଷରୁ ମିଳିତ ମକଡ୍ରିଲ ଅନୁଷ୍ଠିତ ହୋଇଛି। ଦୁର୍ଘଟଣା ଏଡାଇବା ନିମନ୍ତେ ଏଥିରେ ପ୍ରତିକାତ୍ମକ ଭାବେ ବିଭିନ୍ନ ବ୍ୟବସ୍ଥା ଦର୍ଶାଯାଇଥିଲା। ଏଥିରେ ରାଜ୍ୟ କାରଖାନା ଓ ବାଷ୍ପିତ ବିଭାଗ, ସିଆଇଏସ୍ଏଫ୍, ଆପାତକାଳୀନ ସର୍ଭେ ଟିମ୍, ପିପିଏଲ, ଇଫ୍‌କୋ, ପାରାଦୀପ ବନ୍ଦର, ଜିଲା ପ୍ରଶାସନ, ଦମକଳ ବାହିନୀ, ପୂର୍ବତଟ ରେଲୱେ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିମାନେ ସାମିଲ ହୋଇଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ସାମିଲ ହୋଇ ମକଡ୍ରିଲ ସଫଳ କରିଥିବାରୁ ରିଫାଇନେରୀ ନିର୍ବାହୀ ନିର୍ଦ୍ଦେଶକ ଟି.ଡି.ଭି.ଏସ୍. ଗୋପାଳକ୍ରିଷ୍ଣା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ମାହାଙ୍ଗା,୧୯ା୩(ସ୍ୱ.ପ୍ର.):** ମାହାଙ୍ଗା ଥାନା ଭଉଁରିଆ ପଞ୍ଚାୟତ ନହଙ୍ଗ ଗ୍ରାମର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ଉଦ୍ଧାର କରାଯାଇଛି। ସେ ହେଲେ ଗ୍ରାମର ସୁରେନ୍ଦ୍ର ନନ୍ଦଙ୍କ ପୁଅ ଚିତ୍ତରଞ୍ଜନ ନନ୍ଦ(୪୦)। ସୋମବାର ରାତିରେ ସବୁଦିନ ପରି ଖାଇ ପିଇ ଶୋଇଥିଲେ। ଭୋର ୪ଟାରେ ଶୌଚ ହେବା ପାଇଁ ପାଇଖାନାକୁ ଯାଇଥିଲେ। ଶୌଚ ସାରି ଆସିବାରେ ବିଳମ୍ବ ହେବାରୁ ପରିବାର ଲୋକ ଉଠି ଖୋଜିଥିଲେ। ଏହାପରେ ଘର ନିକଟ ଓଉ ଗଛରେ ଲୁଗା ସାହାଯ୍ୟରେ ସେ ଫାଶି ଦେଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ପାରିବାରିକ କଳହକୁ ନେଇ ସେ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଜଗତ୍‌ସିଂହପୁର ଜିଲା ଓକିଲ ସଂଘ ନିର୍ବାଚନ ୩୦ରେ

# ମଇଦାନକୁ ଓହ୍ଲାଇଲେ ୨୧ ପ୍ରାର୍ଥୀ

ଜଗତ୍‌ସିଂହପୁର ଅଫିସ,୧୯ା୩

ଜଗତ୍‌ସିଂହପୁର ଜିଲା ଓକିଲ ସଂଘ ନିର୍ବାଚନ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ। ଏନେଇ ମଙ୍ଗଳବାର ଥିଲା ନାମାଙ୍କନପତ୍ର ଦାଖଲର ଶେଷ ଦିନ। ସୂଚନା ଅନୁଯାୟୀ ସଂଘ କର୍ମକର୍ତ୍ତା ନିର୍ବାଚନରେ ଏଥର ମୋଟ ୨୧ ଜଣ ମଇଦାନକୁ ଓହ୍ଲାଇଛନ୍ତି। ସେମାନଙ୍କ ମଧ୍ୟରୁ ସଭାପତି ପଦ ପାଇଁ ୩, ସମ୍ପାଦକ ୩, ଉପସଭାପତି ୨, ଯୁଗ୍ମ ସମ୍ପାଦକ ୨, କୋଷାଧକ୍ଷ ୨ ଓ କାର୍ଯ୍ୟକାରୀ କମିଟି ସଦସ୍ୟ ପାଇଁ ୯ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସଭାପତି ପଦ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ଦେବେନ୍ଦ୍ର ନାଥ ସ୍ୱାଇଁ, ରବୀନ୍ଦ୍ର କୁମାର ସ୍ୱାଇଁ ଓ ସୁବ୍ରତ ଶତପଥୀ। ସେହିପରି ସମ୍ପାଦକ ପଦ ପାଇଁ ଅଜୟ କୁମାର ସାହୁ, ଚନ୍ଦ୍ରଶେଖର ନାୟକ ଓ ନୃସିଂହଚରଣ ବାରିକ, ଉପସଭାପତି ପାଇଁ ପ୍ରସନ୍ନ କୁମାର ମହାନ୍ତି, ରଞ୍ଜିତ କୁମାର ବେହେରା ଓ ଯୁଗ୍ମ ସମ୍ପାଦକ ପଦବୀ ପାଇଁ ଦୁର୍ଯ୍ୟୋଧନ ରାଉତ, ଜ୍ଞାନରଞ୍ଜନ ମହାନ୍ତି ନାମାଙ୍କନପତ୍ର ଦାଖଲ କରିଛନ୍ତି। କୋଷାଧକ୍ଷ ପଦ ପାଇଁ ନରେଶ ଦାସ ଓ ପ୍ରଦୀପ କୁମାର ବିହାରୀ ପ୍ରାର୍ଥୀ ହୋଇଥିବା ବେଳେ କାର୍ଯ୍ୟକାରୀ କମିଟି ସଦସ୍ୟ ପାଇଁ ବିଷ୍ଣୁପ୍ରିୟା ସାହୁ, ସୌଦାମିନୀ ପଣ୍ଡା, ଅକ୍ଷୟ କୁମାର କାନୁନ୍‌ଗୋ, ଅଶୋକ କୁମାର ସ୍ୱାଇଁ, ମହମ୍ମଦ ସୁସ୍ତାଫା କମାଲ, ମିହିର ନାରାୟଣ ମଲ୍ଲିକ, ମିହିର ରଞ୍ଜନ ମହାନ୍ତି, ମୂରଲୀଧର ଜେନା, ସୁବାସ ଚନ୍ଦ୍ର ମହାନ୍ତି ପ୍ରମୁଖ ପ୍ରାର୍ଥିପତ୍ର ଦାଖଲ କରିଥିବା ସୂଚନା ଦିଆଯାଇଛି।

## ଲୋକନାଥ ପୀଠରେ ବାର୍ଷିକ ନାମଯଜ୍ଞ

ପାରାଦୀପ,୧୯ା୩(ସ୍ୱ.ପ୍ର.)

ପାରାଦୀପ ଉପକଣ୍ଠ ଗଡ଼ଠାରେ ଥିବା ଜିଲାର ଅନ୍ୟତମ ପ୍ରସିଦ୍ଧ ଶ୍ରୀଲୋକନାଥଙ୍କ ପୀଠସ୍ଥଳରେ ୨୮ତମ ବାର୍ଷିକ ନାମଯଜ୍ଞ ସୋମବାରଠାରୁ ଆରମ୍ଭ ହୋଇଛି। ଏହା ବୁଧବାର ସମାପ୍ତ ହେବ। ଏହି ନାମଯଜ୍ଞରେ ମଙ୍ଗଳବାର ହରିହାଟ କାର୍ଯ୍ୟକ୍ରମ ପ୍ରମୁଖ ଆକର୍ଷଣ ଥିଲା। ଏଥିରେ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଗଡ଼ଗ୍ରାମର ଜନପ୍ରତିନିଧି, ମୁରବୀ, ଶିକ୍ଷାବିତ୍ ପ୍ରମୁଖଙ୍କୁ ନେଇ ଗଠିତ କମିଟି ପକ୍ଷରୁ ଏହି ବିଶାଳ ଆୟୋଜନ କରାଯାଇଥିଲା। ଏଥିରେ ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ପ୍ରମୁଖ କେତେଜଣ ନେତା ସାମିଲ ହୋଇ ଆସନ୍ତା ନିର୍ବାଚନ ପାଇଁ ପୂଜାର୍ଚ୍ଚନା କରିଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ ଲକ୍ ଥାନା ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

# ଜାତୀୟ ନାଟ ମହୋତ୍ସବ ଆରମ୍ଭ



ନାଟକ 'ରସୋମୋନ୍'ର ଏକ ଦୃଶ୍ୟ।

ପାରାଦୀପ,୧୯ା୩(ସ୍ୱ.ପ୍ର.)

ସ୍ଥାନୀୟ ଜୟଦେବ ସଦନ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ୧୬ତମ ଜାତୀୟ ନାଟକ ମହୋତ୍ସବ ଆରମ୍ଭ ହୋଇଛି। ଏହା ୮ଦିନ ଧରି ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଷ୍ଠିତ ନାଟ୍ୟ ଅନୁଷ୍ଠାନ କାନମାସ ପକ୍ଷରୁ ଆୟୋଜିତ ଏହି ଜାତୀୟ ନାଟ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ। ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠିତ ନାଟ୍ୟକାର ଦେବଦାସ ଛୋଟରାୟ, ନିର୍ଦ୍ଦେଶକ ଅବତାର ସାହନୀ, ଇଫ୍‌କୋ ମୁଖ୍ୟ କେ.ଜେ. ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନ ଦିବସରେ ଦିଲ୍ଲୀର ନାଟ୍ୟ ଅନୁଷ୍ଠାନ ଆର୍ଟ ଆଣ୍ଡ ରିନେଷ୍ଟନ୍ସ ସଂସ୍ଥାର ନାଟକ ରସୋମୋନ ମଞ୍ଚସ୍ଥ ହୋଇଥିଲା। ନିର୍ଦ୍ଦେଶକ ଅବତାର ସାହନୀଙ୍କ ହିନ୍ଦୀ ନାଟକ ରସୋମୋନରେ ସାମାଜିକ ଚଳଣୀର କିୟଦଂଶ ପ୍ରତିଫଳିତ ହୋଇଥିଲା। ଦିଲ୍ଲୀର କଳାକାରମାନେ ଏଥିରେ ଉଚ୍ଚକୋଟୀର ଅଭିନୟ କରିଥିଲେ। ଏହି ନାଟ୍ୟ ମହୋତ୍ସବ ପାଇଁ ଜୟଦେବ ସଦନ ପାର୍ଶ୍ୱରେ ଆଲୋକ ଓ ପାରମ୍ପରିକ ସାଜସଜ୍ଜା କରାଯାଇଥିଲା।

# ଆଦିବାସୀଙ୍କ ମାରାଂନୁରା ତାଳପୂଜା



ଆଦିବାସୀ ମହିଳାମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରୁଛନ୍ତି ।

ପାରାଦୀପ,୧୯ା୩(ସ୍ୱ.ପ୍ର.)

ପାରାଦୀପ ପୌର ପାଳିକା ଅଧୀନ ୬ ନଂ.ୱାର୍ଡ ବାଉରିଆ ପାଳନ୍ଦା ବସ୍ତିରେ ମଙ୍ଗଳବାର ଆଦିବାସୀ ସମ୍ପ୍ରଦାୟଙ୍କ ଅନ୍ୟତମ ଗଣପର୍ବ ମାରାଂନୁରା ତାଳପୂଜା ଆରମ୍ଭ ହୋଇଛି। ଏହା ଦୁଇଦିନ ଧରି ଚାଲିବ। ଏହି ଅବସରରେ ଆଦିବାସୀ ପରିବାର ପକ୍ଷରୁ ସ୍ୱତନ୍ତ୍ର ରୀତିନୀତି ସହ ପୂଜାର୍ଚ୍ଚନା କରାଯାଇଥିଲା। ଆଦିବାସୀମାନେ ପାରମ୍ପରିକ ପୋଷାକ ପିନ୍ଧିବା ସହ ନୃତ୍ୟ ପରିବେଷଣ କରିଥିଲେ। ପରିବାର ଲୋକଙ୍କ ଦୀର୍ଘ ନିରାମୟ ଜୀବନ ପାଇଁ ଏହି ପୂଜା କରାଯାଏ ବୋଲି ପାରାଉ ଟୁଡୁ କହିଛନ୍ତି। ଏଥିରେ ନୂତନ ବସ୍ତ୍ର ପରିଧାନ ସହ ସମ୍ପର୍କୀୟଙ୍କୁ ବସ୍ତ୍ର ଓ ଖାଦ୍ୟ ସାମଗ୍ରୀ ଦିଆଯାଏ। ଏହି ପୂଜାରେ ଜିଲାର ବିଭିନ୍ନ ସ୍ଥାନରେ ଥିବା ଆଦିବାସୀ ସମ୍ପ୍ରଦାୟର ଲୋକ ସାମିଲ ହୋଇଥିଲେ।

# ବିଦେଶୀ ଏବେ ପଖାଳ ଖାଇବାକୁ ଆଗ୍ରହୀ

ପାରାଦୀପ,୧୯ା୩(ସ୍ୱ.ପ୍ର.)

ଓଡ଼ିଆ ଘରର ଅତି ପ୍ରିୟ ଖାଦ୍ୟ ହେଉଛି ପଖାଳ। ଓଡ଼ିଶାର ଏହି ପ୍ରିୟ ଖାଦ୍ୟ ଅନ୍ତର୍ଜାତୀୟସ୍ତରରେ ମାନ୍ୟତା ପାଇବା ସହ ମାର୍ଚ୍ଚ ୨୦କୁ ପଖାଳ ଦିବସ ଭାବେ ପାଳନ କରାଯାଉଛି। ତେବେ ଆଶ୍ଚର୍ଯ୍ୟର ବିଷୟ ହେଲା ଏହି ଦିବସକୁ ନେଇ ଓଡ଼ିଆମାନଙ୍କ ଅପେକ୍ଷା ବିଦେଶୀମାନେ ଅଧିକ ଉତ୍ସାହ ପ୍ରକାଶ କରୁଛନ୍ତି। ତାରକା ହୋଟେଲଗୁଡ଼ିକରେ ପଖାଳ ଦିବସ ପାଳିତ ହେଉଥିବାବେଳେ ବିଦେଶୀମାନେ ପଖାଳ ଖାଇବାକୁ ବେଶୀ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି କହିଛନ୍ତି ପାରାଦୀପସ୍ଥିତ ହୋଟେଲ ଏମ୍ପାୟର୍ସର ମାନବ ସମ୍ବଳ ଅଧିକାରୀ ଭାବଗ୍ରାହୀ ବାରିକ। ଏଥିପାଇଁ ଗତ ୫ବର୍ଷ ହେଲା ଖରା ୨ ମାସରେ ସ୍ୱତନ୍ତ୍ର ପଖାଳ ମେନ୍ୟୁ ରହିଛି। ବୁଧବାର ପଖାଳ ଦିବସ ପାଳିତ ହେବ ବୋଲି ହୋଟେଲର ମାର୍କେଟିଂ ମ୍ୟାନେଜର ଏମ୍.ଏମ୍.ଖାନ କହିଛନ୍ତି। ଏଥିପାଇଁ ପଖାଳ ସହ ଓଡ଼ିଆ ଘରର ପାରମ୍ପରିକ ଖାଦ୍ୟ ଶାଗ, ବଡ଼ିଚୁରା, ଆଳୁଭର୍ତ୍ତା, ବିଭିନ୍ନ ପ୍ରକାର ଭଜା, ଦହି, ମାଛଭଜା, ଚୁନାମାଛ, ଚଟଣୀ ଓ ଆମ୍ବୁଲ ଆଦି ମେନ୍ୟୁରେ ରହିଛି। ସେହିପରି ଅନ୍ୟ ହୋଟେଲଗୁଡ଼ିକରେ ମଧ୍ୟ ପଖାଳ ଦିବସ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି।

## ■ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ

# ସୂଚନା ଫଳକ ନାହିଁ, ରାତିରେ ଚାଲିଛି ନିର୍ମାଣ

ନାଉଗାଁ,୧୯ା୩(ସ୍ୱ.ପ୍ର.)



ନିର୍ମାଣାଧୀନ ରାସ୍ତା।

■ତଥ୍ୟ ଲୁଚାଉଛି ପୂର୍ତ୍ତ ବିଭାଗ

■ଠିକ୍ ରହୁନାହିଁ ଭାଗମାପ, ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

ନାଉଗାଁ ବ୍ଲକ ଶିଖର-ବାଲିଭଉଁରୀ ମୁଖ୍ୟରାସ୍ତାର ଶିଖର ଘାଟଠାରୁ ନାଉଗାଁ ବଜାର ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ ଚାଲିଛି। ଟେଣ୍ଡର ମାଧ୍ୟମରେ ଏହି ରାସ୍ତା ନିର୍ମାଣ ଦାୟିତ୍ୱ ୨ ଜଣ ଠିକାଦାରଙ୍କୁ ଦିଆଯାଇଛି। ଶିଖରଘାଟ ଠାରୁ ଅର୍ଥାତ୍ ୦ ରୁ ୯ କିମି ପର୍ଯ୍ୟନ୍ତ ରାଉତ ଇନ୍ଫ୍ରା ଓ ୯ରୁ ୧୪ କିମ ପର୍ଯ୍ୟନ୍ତ ଠିକାଦାର ପବିତ୍ର ନାୟକଙ୍କୁ କାର୍ଯ୍ୟ ଦିଆଯାଇଥିବା ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ଏହି ରାସ୍ତା ନିର୍ମାଣ ପାଇଁ କେତେ ଅର୍ଥ ବ୍ୟୟ ବରାଦ କରାଯାଇଛି ଓ ରାସ୍ତା ସମ୍ବନ୍ଧୀୟ ଅନ୍ୟାନ୍ୟ ତଥ୍ୟ ସମ୍ପର୍କରେ ସୂଚନା ଫଳକ ଲଗାଯାଇନାହିଁ। ତେଣୁ ନିମ୍ନମାନର କାର୍ଯ୍ୟ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଫୋନରେ ତଥ୍ୟ ଦେବାକୁ ରୋକଠୋକ ମନା କରିଦେଇଛନ୍ତି। ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଓ ଠିକାଦାରଙ୍କ ଏଭଳି କାର୍ଯ୍ୟ ରାସ୍ତାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ନିୟମାନୁସାରେ ରାସ୍ତା ନିର୍ମାଣ ପୂର୍ବରୁ ଠିକାଦାରଙ୍କ ନାମ, ଅନୁଦାନର ପରିମାଣ, ନିର୍ମାଣ କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ, କେତେ ମିଟର କଂକ୍ରିଟ ଓ କେତେ ମିଟର ପିଚୁ, ଏହାର ଭାଗମାପ, ଦୈର୍ଘ୍ୟ ଓ ପ୍ରସ୍ଥ ଆଦି ସମ୍ପର୍କରେ ସୂଚନା ଫଳକ ଲଗାଯିବା କଥା। କିନ୍ତୁ ଏଠାରେ କୌଣସି ଫଳକ ଲଗାଯାଇନାହିଁ। ତେଣୁ କେତେ ଡଷ୍ଟ, ବାଲି ପରିମାଣ ରହିବ ଓ କେତେ ଭାଗରେ କଂକ୍ରିଟ କରାଯିବ ତାହା ଲୋକେ ଜାଣିପାରୁନାହାନ୍ତି। ଠିକାଦାର ନିକଟସ୍ଥ କୃଷି କାର୍ଯ୍ୟାଳୟ ପଛପାର୍ଶ୍ୱରେ ଡଷ୍ଟରେ ମନଇଚ୍ଛା ବାଲି ମିଶାଇ ରାସ୍ତାରେ ପକାଉଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା କାର୍ଯ୍ୟ ଜୋରଦାର ଚାଲିଛି। ଏକକାଳୀନ ବିଭିନ୍ନ ସ୍ଥାନରେ କାର୍ଯ୍ୟ ହେଉଥିବାରୁ ବିଭାଗୀୟ ଅଧିକାରୀ ତଦାରଖ କରୁ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଉଭୟ ପାର୍ଶ୍ୱରେ ମାଟି ପକାଯାଇ ପ୍ରଶସ୍ତିକରଣ କରାଯାଉଥିବାରୁ ନିୟମାନୁସାରେ ଡଷ୍ଟ ବିଛାଇ ରୋଲିଙ୍ଗ କରିବା କଥା। କିନ୍ତୁ ଏଠାରେ ବାଲିମିଶା ଡଷ୍ଟ ପକାଯାଉଛି। ବଜୁରି ପରିବର୍ତ୍ତେ ମେଟାଲ ପକାଯାଉଛି। ସେହିପରି ଭାଇବ୍ରେଶନ ରୋଲର ବ୍ୟବହାର କରିବା ପରିବର୍ତ୍ତେ ମାନୁଆଲ ରୋଲର ବ୍ୟବହାର କରାଯାଉଛି। ଏଭଳି ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାତିରେ ରାସ୍ତା କାମ କରାଯାଉଥିବାବେଳେ ସତର୍କ ସୂଚନା ଦିଆଯାଉ ନ ଥିବାରୁ ଦୁର୍ଘଟଣା ଘଟୁଛି। ଶିଖରଘାଟରୁ ଅଳ୍ପ ଦୂରରେ ନିର୍ମିତ ରାସ୍ତାରେ ଫାଟ ସୃଷ୍ଟି ହେଉଥିବାବେଳେ ସେଠାରେ ମାଟି ପକାଯାଇ ତାଳିପକା ମରାମତି କରାଯାଇଛି। ଏହି ରାସ୍ତା ବାଲିଭଉଁରୀ-ଶିଖରଘାଟକୁ ସଂଯୋଗ କରୁଥିବା ବେଳେ ପ୍ରତ୍ୟହ ଯାତ୍ରିବାହୀ ଓ ମାଲବାହୀ ଗାଡି ପୁରୀ, କଟକ, ପାରାଦୀପ, ଅସ୍ତରଙ୍ଗ, କାକଟପୁର, ଜଗତ୍‌ସିଂହପୁର, ଭୁବନେଶ୍ୱର ଆଦି ସ୍ଥାନକୁ ଚଳାଚଳ କରୁଛି। ଶିଖରଘାଟ ନିକଟରେ ଦେବୀ ନଦୀରେ ଥିବା ବାଲି ସୈରାତରୁ ଏହି ରାସ୍ତା ଦେଇ ଶହ ଶହ ଟ୍ରକ ବାଲି ପରିବହନ କରିଥାଏ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଦୀପକ ତ୍ରିପାଠୀଙ୍କୁ ପଚାରିବାରେ ଫୋନରେ କୌଣସି ତଥ୍ୟ ପ୍ରଦାନ କରିବି ନାହିଁ, ଅଫିସ ଆସି ତଥ୍ୟ ବୁଝିବା ପାଇଁ କହିଥିଲେ।

# କବି କୈଳାସ ସ୍ୱାଇଁଙ୍କୁ ସାରସ୍ୱତ ସମ୍ମାନ

ତିର୍ତ୍ତୋଲ,୧୯ା୩ (ଡି.ଏନ.ଏ.)

ତିର୍ତ୍ତୋଲ ଥାନା ମୁଣ୍ଡିଦା ଗ୍ରାମରୁ ଦୀର୍ଘ ୨୯ ବର୍ଷ ଧରି ପ୍ରକାଶ ପାଉଥିବା ଶିଶୁ ସାହିତ୍ୟ ପତ୍ରିକା 'ବାଲିଘର'ର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁଙ୍କୁ ବିଶୋୟୀ ହାଡ଼ିବନ୍ଧୁ ସାମନ୍ତରାୟ ସ୍ମାରକୀ ସମ୍ପାଦନ ସମ୍ମାନ-୨୦୧୯ ପ୍ରଦାନ କରାଯାଇଛି। ସମ୍ପାଦନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡିଶା ଶିଶୁ ସାହିତ୍ୟ ଲେଖକ ସମ୍ମେଳନର ଅଷ୍ଟାଦଶ ସମାବର୍ତ୍ତନ ଉତ୍ସବରେ କଟକ ମହାନଦୀ ବିହାରସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ଉତ୍ସବରେ ତାଙ୍କୁ ଏହି ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଛି। ଏଥିରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଡଃ ମହେଶ୍ୱର ମହାନ୍ତି ସଭାପତିତ୍ୱ କରିଥିଲେ।

ଉତ୍ସବରେ ବିଶିଷ୍ଟ ସାରସ୍ୱତ ସାଧକ ବାଗ୍ମି ରଜତ କୁମାର କର ଉଦ୍‌ଘାଟକ ଭାବେ ଯୋଗଦେଇ ସ୍ୱାଇଁଙ୍କୁ ସମ୍ମାନସୂଚକ ମାନପତ୍ର, ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ଓ ଟ୍ରଫି ପ୍ରଦାନ କରିଥିଲେ। ବିଶିଷ୍ଟ ଶିଶୁ ସାହିତ୍ୟିକ ଦାଶ ବେନହୁର, ପ୍ରଫେସର ଡଃ ସଂଘମିତ୍ରା ମିଶ୍ର, ଖାରବେଳ ମହାନ୍ତି, ଅଧ୍ୟାପକ ନିରଞ୍ଜନ ପାଢୀ, ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ସାହିତ୍ୟିକ ଆଦିତ୍ୟ ପ୍ରସାଦ ଧଳ, ସୁନାମଣି ରାଉତ ପ୍ରମୁଖ ଉପସ୍ଥିତ ରହି ସ୍ୱାଇଁଙ୍କ ସାରସ୍ୱତ ସାଧନାର ଭୂୟସୀ ପ୍ରଂଶସା କରିଥିଲେ। ସ୍ୱାଇଁ ଦୀର୍ଘ ୪ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଓଡିଆ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଆସୁଛନ୍ତି। ଏଥିପାଇଁ ସେ ଓଡିଶାର ବହୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି।



କବି କୈଳାସ ଚନ୍ଦ୍ର ସ୍ୱାଇଁଙ୍କୁ ସମ୍ମାନିତ କରାଯାଉଛି।

## ସଂକ୍ଷେପରେ

### ଦେଉଳି ମେଳଣରେ ହରିହର ଭେଟ

**ରାଜକନିକା, ୧୯।୩(ଡି.ଏନ୍.ଏ):** ରାଜକନିକା ବ୍ଲକର କନିକା ରାଜ ମେଳଣରେ ମଙ୍ଗଳବାର ପାରମ୍ପରିକ ହରିହର ଭେଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୫ ଦିନ ଧରି ଆୟୋଜିତ ହେଉଥିବା ମେଳଣ ଉତ୍ସବର ୩ୟ ଦିନ ଦେଉଳି ମେଳଣ କମିଟି ପକ୍ଷରୁ ଆୟୋଜନ କରାଯାଇଥିଲା। ମେଳଣରେ ୩୫ରୁ ଉର୍ଦ୍ଧ୍ୱ ବିମାନ ସାମିଲ ହୋଇଥିଲେ। ଏହି ଅବସରରେ ଶ୍ରୀରାଧାକୃଷ୍ଣଙ୍କ ସହ ପ୍ରଭୁ ଗର୍ତ୍ତେଶ୍ୱରଙ୍କ ଭେଟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ଅପରାହ୍ନରେ ମେଳଣ ଅଭିମୁଖେ ବାହାରିଥିବା ବିମାନଗୁଡିକ ବିଭିନ୍ନ ଗାଁ ପରିକ୍ରମା କରି ଦେଉଳି ମେଳଣ ପଡିଆରେ ପହଞ୍ଚିଥିଲେ। ଦେଉଳିରେ ଶ୍ରୀରାଧାମୋହନଜୀଉଙ୍କ ସହ ମିଳିତ ହେବା ପରେ ହରିହର ଭେଟ, ହୋଲିଗୀତ ଆଦି ଆୟୋଜନ କରାଯାଇଥିଲା। ବିଭିନ୍ନ ମଠମନ୍ଦିରରେ ପୂଜାପାଉଥିବା ଶ୍ରୀରାଧାକୃଷ୍ଣଙ୍କ ବିଗ୍ରହ ବିମାନରେ ବସି ମେଳଣ ପଡିଆରେ ପହଞ୍ଚିବା ପରେ ଭୋଗଲାଗି ହୋଇଥିଲା।

ଆଜିର ମେଳଣରେ ୫ଟି ଅଧିକ ଦୋଳବିମାନ ସାମିଲ ହୋଇଥିଲେ। ମେଳଣ ସମୟରେ ଛତ୍ରୀ, ଆଲଟ, ଚାମର, ଢୋଲ, ମହୁରୀ, କାହାଳୀ, ଘଣ୍ଟ, ଶଙ୍ଖ ଓ ହୁଳହୁଳି ଆଦି ବାଜୁଥିବା ଯୋଗୁ ଗାଁ ପରିବେଶ ଉତ୍ସବମୁଖର ହୋଇଉଠିଥିଲା। ପ୍ରଥମ ଦିନରେ କାଳିକାପୁର,୨ୟ ଦିନର ଆୟତନ ପକ୍ଷରୁ ଏହି ମେଳଣ ଆୟୋଜନ କରାଯାଇଥିବା ବେଳେ ବୁଧବାର ଗିରିୟା ମେଳଣ ପାଇଁ ପ୍ରାକ୍ ପ୍ରସ୍ତୁତି ଶେଷ ହୋଇଛି।

### ପ୍ରାକ୍ତନ ସରପଞ୍ଚଙ୍କ ଶ୍ରଦ୍ଧାଞ୍ଜଳି ସଭା

**ରାଜକନିକା, ୧୯।୩(ଡି.ଏନ୍.ଏ):** ରାଜକନିକା ବ୍ଲକ ଅଧୀନସ୍ଥ ଦେଉଳତରା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ତଥା ସାମାଜିକ କର୍ମୀ ଧୃରେନ୍ଦ୍ର ମଲ୍ଲିକଙ୍କ ଏକାଦଶାହ ଉପଲକ୍ଷେ ମଙ୍ଗଳବାର ତାଙ୍କ ଜନ୍ମମାଟି ବରିପଡାଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ କନିକା ପୂଜ୍ୟପୂଜା ପରିଷଦର ସଭାପତି ଦୁର୍ଯ୍ୟୋଧନ ସାମଲ ପୌରୋହିତ୍ୟ କରିଥିଲେ। ସଭାରେ ଦେଉଳତରା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଅଭିମନ୍ୟୁ ବାରିକ, ବିଜେଡିର ବରିଷ୍ଠନେତା ବିକାଶ ଦାସ , କଂଗ୍ରେସର ପ୍ରାକ୍ତନ ସଭାପତି ବାବୁରାମ ଜେନା, ଶ୍ରମିକ ନେତା ବିଧାନ ଦାସ , ରାଜକନିକା ପଞ୍ଚାୟତ ସମିତି ପ୍ରାକ୍ତନ ଅଧକ୍ଷ କପିଳେନ୍ଦ୍ର ମଲ୍ଲିକ ଓ ଖରସ୍ରୋତା ସାଂସ୍କୃତିକ ପରିଷଦର ସଭାପତି ଲକ୍ଷ୍ମୀଧର ରାଉତ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ମଲ୍ଲିକ ଜଣେ ସାମାଜିକ କର୍ମୀ, ରାଜନୀତିଜ୍ଞ,ଆଧାତ୍ମିକବାଦୀ ଓ ସଂଗ୍ରାମୀ ପୁରୁଷ ଥିଲେ ବୋଲି ଏହି ଅବସରରେ ମତପ୍ରକାଶ ପାଇଥିଲା। ସେହିପରି କଣ୍ଡିଆ ଗାୟତ୍ରୀ ଚେତନା ସଂଘ ପକ୍ଷରୁ ଗାୟତ୍ରୀଙ୍କ ପୀଠରେ ସ୍ୱର୍ଗତ ମଲ୍ଲିକଙ୍କ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଚେତନା ସଂଘର ସଭାପତି ପରିକ୍ଷିତ ପଢିଆରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବାସୁଦେବକୁଅଁର ,ବିଷ୍ଣୁ ଚରଣ ନାୟକ , ଧନେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ଥିଲେ। ସ୍ୱର୍ଗତ ମଲ୍ଲିକ ଏହି ଚେତନା ସଂଘର ପ୍ରାକ୍ତନ ସମ୍ପାଦକ ଥିଲେ।

# ଭୋଟର ସଂଖ୍ୟାରେ ଆଶାତୀତ ବୃଦ୍ଧି, ଅନୁପ୍ରବେଶ ଆଶଙ୍କା

- ୧,୬୭,୮୮୯ ନୂତନ ଭୋଟର ସାମିଲ
- ଜିଲାରେ ଏବେ ଭୋଟର ସଂଖ୍ୟା ୧୧,୭୯,୯୦୨
- ଭୋଟର ତାଲିକାରେ ଦେଶାନ୍ତର ନୋଟିସ ପାଇଥିବା ୧୩୭ ଜଣଙ୍କ ନାମ

**କେନ୍ଦ୍ରାପଡା ଅଫିସ, ୧୯।୩**

କେନ୍ଦ୍ରାପଡା ଜିଲାରେ ଭୋଟରଙ୍କ ସଂଖ୍ୟା ଗତ ୧୦ ବର୍ଷ ମଧ୍ୟରେ ଆଶାତୀତ ଭାବେ ବୃଦ୍ଧି ପାଇଛି। ଅନୁପ୍ରବେଶକାରୀଙ୍କ ଯୋଗୁ ଏହି ସଂଖ୍ୟା ବୃଦ୍ଧି ପାଇଥିବା ନେଇ ବୁଦ୍ଧିଜୀବୀମାନେ ଆଶଙ୍କାବ୍ୟକ୍ତ କରିଛନ୍ତି। ୨୦୧୯ରେ ଭୋଟର ତାଲିକାରେ ୧,୬୭,୮୮୯ ଜଣ ନୂତନ ଭୋଟର ସାମିଲ ହୋଇଛନ୍ତି। ୨୦୦୯ ତୁଳନାରେ ଏହି ସଂଖ୍ୟା ବହୁତ ଅଧିକ ହୋଇଥିବା ବେଳେ ଅନୁପ୍ରବେଶକାରୀ ଏହାର ପ୍ରମୁଖ କାରଣ ବୋଲି ସେମାନେ କହିଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲାରେ ଅନୁପ୍ରବେଶ ଏକ ପ୍ରମୁଖ ସମସ୍ୟା ପାଲଟିଛି। ବହୁ ବାଂଲାଦେଶୀ ଏଠାରେ ବସବାସ କରିବା ସହ ଭୋଟର ତାଲିକାରେ ନାମ ସାମିଲ କରି ଭୋଟ ପ୍ରଦାନ କରୁଛନ୍ତି। ଏପରିକି ଭାରତ ସରକାରଙ୍କ ସମସ୍ତ ସରକାରୀ ଯୋଜନାର ସୁଫଳକୁ ହାତଉଛନ୍ତି ବୋଲି ସୂଚନା ଅଧିକାର କର୍ମୀ ରଞ୍ଜନ କୁମାର ଦାସ ପ୍ରକାଶ କରିଛନ୍ତି। ସେ କୁହନ୍ତିଯେ, ୨୦୦୧ ଲୋକସଭାରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ, ଜିଲାରେ ୩୦ହଜାର ବଙ୍ଗାଳୀଭାଷୀ ଥିଲେ। ୨୦୧୧ରେ ଏହି ସଂଖ୍ୟା ୭୮ ହଜାରରେ ପହଞ୍ଚିଥିଲା। ଚଳିତ ସାଧାରଣ ନିର୍ବାଚନରେ ୬୮ ହଜାରରୁ ଉର୍ଦ୍ଧ୍ୱ ବଙ୍ଗଳାଭାଷୀ ଭୋଟର ପରିଚୟ ପତ୍ର ପାଇଛନ୍ତି। ଏହି ସଂଖ୍ୟା ଦ୍ରୁତବେଗରେ ବଢୁଥିବା ବେଳେ ଅନୁପ୍ରବେଶ ଏକମାତ୍ର କାରଣ ବୋଲି ସେ ପ୍ରକାଶ କରିଛନ୍ତି। ସୂଚନା ଅଧିକାରକର୍ମୀ ଆଶିଷ ଖଟୁଆ ଦର୍ଶାଇଛନ୍ତିଯେ, ୨୦୦୯ ସାଧାରଣ ନିର୍ବାଚନ ପରଠାରୁ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ମଧ୍ୟରେ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଛି। ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀ ବ୍ୟତୀତ ଜିଲାର ଅନ୍ୟ ୪ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ବଙ୍ଗଳାଭାଷୀଙ୍କ ସଂଖ୍ୟା ବଢ଼ିଛି। ୨୦୦୯ ସାଧାରଣ ନିର୍ବାଚନରେ ଭୋଟରଙ୍କ ସଂଖ୍ୟା ଜିଲାରେ ୧୦,୧୨,୦୧୩ ଥିବା ବେଳେ ଏବେ ୧୧,୭୯୯୦୨ରେ ପହଞ୍ଚିଛି। ଜିଲାର ଖୋଲାମେଲା ସମୁଦ୍ର ତଟ ଅନୁପ୍ରବେଶକୁ ସୁଯୋଗ ଦେଉଥିବା ବେଳେ ଭୋଟବ୍ୟାଙ୍କ ଆଶାରେ ସ୍ଥାନୀୟ ରାଜନେତା ସେମାନଙ୍କୁ ସୁରକ୍ଷା ଦେଉଛନ୍ତି। ବୁଦ୍ଧିଜୀବୀ ମିଳନ କୁମାର ଧଳ କହିବାନୁସାରେ, ଜିଲାରେ ୩ଟି ସାମୁଦ୍ରିକ ଥାନା ରହିଛି। ତେବେ ଭିତିଭୂମିକୁ ସୁଦୃଢ଼ ନଥିବାରୁ ଅନୁପ୍ରବେଶକାରୀ ସମୁଦ୍ର ତଟ ଦେଇ ଅନାୟାସରେ ଜିଲାରେ ପ୍ରବେଶ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ବୁଦ୍ଧିଜୀବୀ ସୁନୀଲ କୁମାର ଗନ୍ତାୟତ କୁହନ୍ତିଯେ, ନିର୍ବାଚନରେ ବଙ୍ଗଳାଭାଷୀଙ୍କ ସହଭାଗିତା କେନ୍ଦ୍ରାପଡା ଜିଲା ପାଇଁ ବିପଦ ସୃଷ୍ଟି କରିଛି। ନିକଟରେ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ସମୟରେ ଏହା ସ୍ପଷ୍ଟ ହୋଇଥିଲା। ପୂର୍ବରୁ ଦେଶାନ୍ତର ନୋଟିସ ପାଇଥିବା ୧୩୭ ଜଣ ଅନୁପ୍ରବେଶକାରୀଙ୍କ ନାମ ଭୋଟର ତାଲିକାରେ ଥିବା ଜଣା ପଡିଥିଲା। ଅଦ୍ୟାବଧି ସେମାନଙ୍କ ନାମ ଭୋଟର ତାଲିକାରୁ କଟି ନ ଥିବାରୁ ଆଗାମୀ ନିର୍ବାଚନରେ ସେମାନେ ଭୋଟଦାନ କରିବାରୁ ବିରତ ହେବେ ନାହିଁ ବୋଲି ଗନ୍ତାୟତ ଆଶଙ୍କା ବ୍ୟକ୍ତ କରିଛନ୍ତି। ବୁଦ୍ଧିଜୀବୀ ମାତୃଦତ୍ତ ମହାନ୍ତି କୁହନ୍ତିଯେ, ବଙ୍ଗ ବିଭାଜନ ସମୟରେ କେନ୍ଦ୍ରାପଡା ଜିଲାରେ ମାତ୍ର ୧୬୪୯ ଜଣଙ୍କୁ ବାଂଲାଦେଶୀଙ୍କୁ ଥଇଥାନ କରାଯାଇଥିଲା। ଏହି ସଂଖ୍ୟା ଏବେ ବୃଦ୍ଧି ପାଇ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି। ସେମାନେ ଜଙ୍ଗଲ, ଜଳ ଓ ଜମିକୁ ଅଧିକାର କରିବା ସହ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରୁଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ଅନୁପ୍ରବେଶକାରୀଙ୍କୁ ଭୋଟର ତାଲିକାରୁ ବାଦ ଦେବା ପାଇଁ ସେ ଦାବି କରିଛନ୍ତି। ଏସମ୍ପର୍କରେ ଜିଲାପାଳ ଦାଶରଥି ଶତପଥୀ କୁହନ୍ତି, ସମସ୍ତ ପ୍ରମାଣପତ୍ର ଯାଞ୍ଚ ପରେ ନୂତନ ଭୋଟରଙ୍କୁ ତାଲିକାରେ ସାମିଲ କରାଯାଉଛି। ତେବେ କୌଣସି ପ୍ରମାଣ ମିଳିଲେ ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ତଦନ୍ତ ସମୟରେ ଚିହ୍ନଟ ହୋଇଥିବା ୧୩୭ ଜଣ ବାଂଲାଦେଶୀଙ୍କ ସମ୍ପର୍କରେ ରାଜ୍ୟ ନିର୍ବାଚନ କମିଶନଙ୍କୁ ଅବଗତ କରାଯାଇଛି।

## ■ଅଢ଼ାଜୋରୀ ମଦ ଦୋକାନ ବନ୍ଦ ଦାବି
# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**କେନ୍ଦ୍ରାପଡା ଅଫିସ, ୧୯।୩**

କେନ୍ଦ୍ରାପଡା ବ୍ଲକ ଅଢ଼ାଜୋରୀ ଗ୍ରାମସ୍ଥିତ ସରକାରୀ ମଦ ଦୋକାନ ବନ୍ଦ ଦାବି କରି ସ୍ଥାନୀୟ ଏସ୍ଏଚ୍‌ଜି ସଦସ୍ୟାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ କରିଥିଲେ। ଏଥିସହ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏସମ୍ପର୍କରେ ନିଶା ମୁକ୍ତି ଅଭିଯାନର କର୍ମକର୍ତ୍ତା ପାର୍ବତୀ ନାୟକ ସୂଚନା ଦେଇଛନ୍ତି ଯେ, ଗ୍ରାମ ମଧ୍ୟରେ ଏହି ମଦ ଦୋକାନ ରହିଥିବାରୁ ପ୍ରତିଦିନ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ମଦ୍ୟପମାନେ ମଦ ପିଇ ଏଠାରେ ଉତ୍ପାତ କରୁଛନ୍ତି। ଏହି ମଦ ଦୋକାନକୁ ବନ୍ଦ କରିବାକୁ ସେ ଦାବି କରିଥିଲେ। ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆନଗଲେ ମହିଳାମାନେ ଆଇନକୁ ନିଜ ହାତକୁ ନେବେ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭରେ ୩୦ରୁ ଉର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ।

# ଯୁବବାହିନୀ ସଂଯୋଜକ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବି

**କେନ୍ଦ୍ରାପଡ଼ା ଅଫିସ୍, ୧୯।୩**

କେନ୍ଦ୍ରାପଡ଼ା ପୌରାଞ୍ଚଳ ବିଜୁ ଯୁବବାହିନୀ ସଂଯୋଜକ ଅସୀତ ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏହି ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବି କରି ଯୁବବାହିନୀ ସଦସ୍ୟମାନେ ଉପ ଜିଲାପାଳ ତଥା ପୌର ପ୍ରଶାସନିକ ଅଧିକାରୀ ସଞ୍ଜୟ କୁମାର ମିଶ୍ରଙ୍କୁ ଏକ ଦାବିପତ୍ର ସୋମବାର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଯୁବ ବାହିନୀ ସଦସ୍ୟ ଭାଗ୍ୟଲକ୍ଷ୍ମୀ ସାହୁ କୁହନ୍ତି, ରାଜ୍ୟ ଯୁବ ଓ କ୍ରୀଡ଼ା ବ୍ୟାପାର ବିଭାଗ ଦ୍ୱାରା ପରିଚାଳିତ ଏହି ଯୁବ ବାହିନୀକୁ ସଂଯୋଜକ ସାହୁ ସୁଚାରୁ ରୂପେ ତୁଲାଇ ଆସିଛନ୍ତି। ତେବେ ଗତ କିଛିଦିନ ପୂର୍ବେ କୌଣସି କାରଣରୁ ଜିଲା କ୍ରୀଡ଼ା ଅଧିକାରୀ ଓ ସଂଯୋଜକ ସାହୁଙ୍କ ମଧ୍ୟରେ ମତାନ୍ତର ହୋଇଥିଲା। ଯାହା ଫଳରେ ଜିଲା କ୍ରୀଡ଼ା ଅଧିକାରୀ ଯୁବବାହିନୀ ରିପୋର୍ଟ କାର୍ଡରେ ସଂଯୋଜକ ସାହୁଙ୍କ ବିରୋଧରେ ମତ ଦେଇଛନ୍ତି। ଯାହାଫଳରେ ସଂଯୋଜକ ସାହୁଙ୍କୁ ନିଲମ୍ବିତ କରାଯାଇଛି। ଏହି ନିଲମ୍ବନ ଆଦେଶ ପ୍ରତ୍ୟାହାର ନ ହେଲେ ଯୁବବାହିନୀର ସଦସ୍ୟମାନେ ସମୂହ ଇସ୍ତଫା ଦେବେ ବୋଲି ଭାଗ୍ୟଲକ୍ଷ୍ମୀ ପ୍ରକାଶ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ୫୦ରୁ ଉର୍ଦ୍ଧ୍ୱ ସଦସ୍ୟାସଦସ୍ୟ ସାମିଲ ହୋଇଥିଲେ।

# ଶେଷ ହେଲା ରାଜନଗର, ଚାଟରା ମେଳଣ

**ଡେରାବିଶ, ୧୯।୩ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ରାଜନଗର ଓ ଚାଟରା ମେଳଣ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଆଳି ରାଜାଙ୍କ ଶାସନ କାଳରୁ ଅନୁଷ୍ଠିତ ହୋଇ ଆସୁଥିବା ଏହି ପାରମ୍ପରିକ ମେଳଣ ରୀତିନୀତି ଅନୁସାରେ ଶେଷ ହୋଇଛି। ଥାନପତି ଭାବେ ରାଜା ଓ ଆଳି ରାଣୀଙ୍କ ବିମାନ ପ୍ରଥମେ ମେଳଣ ପଡ଼ିଆରେ ପ୍ରବେଶ କରି କନକବେଦୀରେ ଉପବେଶନ କରିଥିଲେ। ରାଜାଙ୍କ ପଞ୍ଚମୁଖୀ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଓ ଦଧିବାମନ ଜୀଉ ମନ୍ଦିରରୁ ମା' ଲକ୍ଷ୍ମୀ ମେଳଣ ପଡ଼ିଆକୁ ପ୍ରବେଶ କରିବା ପରେ ଅନ୍ୟ ୨୦ରୁ ଉର୍ଦ୍ଧ୍ୱ ବିମାନ ମେଳଣ ପଡିଆକୁ ପ୍ରବେଶ କରିଥିଲେ। ରାଜାଙ୍କ ନଅର ପକ୍ଷରୁ ସମସ୍ତ ବିମାନ ସମ୍ମୁଖରେ ଭୋଗ ଲଗାଯାଇଥିଲା। ଏହାପରେ ଅବିର ଖେଳ ହେବା ସହ ମେଳଣ ଉଦ୍‌ଯାପିତ ହୋଇଥିଲା। ଏହି ମେଳଣକୁ ସନ୍ନ୍ୟାସୀ ସନାତନ ଦାସଙ୍କ ସମେତ ରାଜନଗର ଓ ନୋଳସାହି ଗ୍ରାମବାସୀ ପରିଚାଳନା କରିଥିଲେ।


ପାଟୁଆର ମଧ୍ୟରେ ଚାଟରା ମେଳଣ ପଡ଼ିଆକୁ ଯାଉଥିବା ବିମାନ।

ସେହିପରି ସୋମବାର ରାତିରୁ ବ୍ଲକ ଅଧୀନ ଚାଟରାଠାରେ ଆରମ୍ଭ ହୋଇଥିବା ମେଳଣ ମଙ୍ଗଳବାର ମଧ୍ୟାହ୍ନ ୧୨ଟା ବେଳେ ଉଦ୍‌ଯାପିତ ହୋଇଛି। ଏହି ମେଳଣ ଥାନପତି ଚାଟରାମଠରୁ ଆସୁଥିବା ବିମାନ ସୋମବାର ରାତି ୨ଟାରେ ମେଳଣ ପଡିଆରେ ଉପବେଶନ କରିଥିଲେ। ଏହାପରେ ୧୭ଟି ବିମାନ ଘଣ୍ଟ, ସଙ୍କୀର୍ତ୍ତନ, ପଟୁଆର ମଧ୍ୟରେ ମେଳଣ ପଡ଼ିଆକୁ ପ୍ରବେଶ କରିଥିଲେ। ରଜନୀକାନ୍ତ ମହାନ୍ତି, ଲକ୍ଷ୍ମୀକାନ୍ତ ମହାନ୍ତି, ଅରଜିତ ମିଶ୍ର, ଦେବଦତ୍ତ ମିଶ୍ର, ସୁଶିଲ ମିଶ୍ର, ଅକ୍ଷୟ କୁମାର ମିଶ୍ରଙ୍କ ସମେତ ଗ୍ରାମବାସୀ ଏହି ମେଳଣ ଉତ୍ସବ ପରିଚାଳନା କରିଥିଲେ।

### ବଡକୋଠା ଦୋଳ ମେଳଣ

**କେନ୍ଦ୍ରାପଡା ଅଫିସ, ୧୯।୩**

କେନ୍ଦ୍ରାପଡା ସହରର ନୂଆ ବସଷ୍ଟାଣ୍ଡ ନିକଟସ୍ଥ ବଡକୋଠାରେ ମଙ୍ଗଳବାର ଦୋଳ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୮ଟାରେ ଆରମ୍ଭ ହୋଇଥିବା ଏହି ଉତ୍ସବ ଅପରାହ୍ନ ୩ଟାରେ ସମାପ୍ତ ହୋଇଥିଲା। ସଂକୀର୍ତ୍ତନ ଶୋଭାଯାତ୍ରାରେ ୮ଟିସୁସଜ୍ଜିତ ବିମାନ ସାମିଲ ହୋଇଥିଲେ। ଏହି ଅବସରରେ ଶ୍ରୀ ରାଧାଗୋବିନ୍ଦଜୀଉ ଠାକୁରଙ୍କୁ ଭୋଗ ଲାଗି ହୋଇଥିଲା। ଏହି ମେଳଣ ଉତ୍ସବରେ ଶ୍ରଦ୍ଧାଳୁମାନେ ସାମିଲ ହୋଇଥିଲେ।

# ମଦ ବିରୋଧୀ ସଚେତନତା ଶିବିର

**ଆଳି, ୧୯।୩ (ଡି.ଏନ୍.ଏ.)**

ଆଳି ବ୍ଲକ ମିଳିତ ନିଶା ନିବାରଣ ମଞ୍ଚ ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ଏକ ମଦ ବିରୋଧୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନ ମେଣ୍ଟପୁର ପଞ୍ଚାୟତସ୍ଥିତ ମେଣ୍ଟପୁର ପଞ୍ଚାୟତ ହାଇସ୍କୁଲ ପରିସରରେ ଅନୁଷ୍ଠିତ ଏହି ଶିବିରରେ ଆଳି ନିଶା ନିବାରଣ ମଞ୍ଚ ସଭାପତି ଲକ୍ଷ୍ମୀଧର ଦୀକ୍ଷିତ ଅଧ୍ୟକ୍ଷତା କରିଥିଲେ। ଶିବିରରେ ସଂଗଠନ ସଦସ୍ୟ ବିରେନ୍ଦ୍ର ପଣ୍ଡା, ଗୋବିନ୍ଦ ଚନ୍ଦ୍ର ନନ୍ଦ, ଧନେଶ୍ୱର ରାଉତ, ସୁହାନା ବେଗମ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେମାନେ କହିଥିଲେ, ଆଜିର ସମାଜ ଦିନକୁ ଦିନ ନିଶା କବଳରେ କବଳିତ ହେଉଛି। ଲୋକମାନେ ନିଶା ସେବନ କରି ନିଜର କ୍ଷତି ଘଟାଇବା ସହ ପରିବାର ଓ ସମାଜରେ ଅଶାନ୍ତି ସୃଷ୍ଟି କରୁଛନ୍ତି। ଏଥିଯୋଗୁ ଯୁବସମାଜ ମଧ୍ୟ ପଥଭ୍ରଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଆଳି ଅଞ୍ଚଳକୁ ନିଶା କବଳରୁ ମୁକ୍ତ କରିବା ପାଇଁ ସାଧାରଣ ନିର୍ବାଚନ ସମୟରେ ଆଳିରେ 'ନିଶା ନିବାରଣ କରିବ ଯିଏ, ଆମରି ଭୋଟ ପାଇବ ସିଏ' ଏହି ସ୍ଲୋଗାନକୁ ବାସ୍ତବ ରୂପ ଦେବାକୁ ସ୍ଥିର କରାଯାଇଥିଲା। ଏଥିପାଇଁ ଶିବିରରେ ଉପସ୍ଥିତ ସମସ୍ତ ସଦସ୍ୟ ଓ ମହିଳାଙ୍କ ସହାୟତା ଲୋଡ଼ା ଯାଇଥିଲା। ଶତାଧିକ ମହିଳା ଏହି ଅଭିଯାନରେ ସାମିଲ ହେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ମହିଳା କୃଷକ ତାଲିମ ଶିବିର

**ଡେରାବିଶ, ୧୯।୩ (ସ୍ୱ.ପ୍ର.)**


ତାଲିମ ଶିବିରରେ ମହିଳା କୃଷକ ଓ ବିଶେଷଜ୍ଞମାନେ।

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅଧୀନ ସବଳଙ୍ଗସ୍ଥିତ ଜୟ ଭାରତୀ ସାଥୀ ସମାଜ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ମହିଳା କୃଷକ ତାଲିମ ଶିବିର ଓ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଯ୍ୟାଳୟ ପରିସରରେ ଚାଲିଥିବା ଏହି ୨ ଦିନିଆ କାର୍ଯ୍ୟକ୍ରମରେ ୨୦ ମହିଳା କୃଷକଙ୍କୁ ତାଲିମ ଦିଆଯାଇଥିଲା। ଡା. ଅନିଲ୍ କୁମାର ଶିବିର ଉଦ୍‌ଘାଟନ କରିବା ସହ ଲିଙ୍ଗଗତ ସମୃଦ୍ଧି ଉପରେ ଉଦ୍‌ବୋଧନ ଦେଇଥିଲେ। ସାଥୀ ସମାଜର ସମ୍ପାଦକ ନିରଞ୍ଜନ ସାହୁ ଶିବିରରେ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ଡା. ବିଶ୍ୱନାଥ ସାହୁ, ଡା. ଅରୁଣ କୁମାର ପଣ୍ଡା, ଅଙ୍କିତା ସାହୁ, ଡା. ଲିପି ଦାସ, ଡା. ତନୁଜା ଏସ୍, ବିଷ୍ଣୁ ଚରଣ ସାହୁ, ମନୋରଞ୍ଜନ ପୃଷ୍ଟି, ଡା. ସବିତା ମିଶ୍ର ପ୍ରମୁଖ ଶିବିରରେ ଯୋଗଦେଇ ଉଦ୍ୟାନ କୃଷି, ଛତୁ, ମତ୍ସ୍ୟ, ପଶୁପାଳନ, ବତକ, ଘାସଚାଷ ସହିତ ମୂଲ୍ୟ ଅଭିବୃଦ୍ଧି, ନୂତନ ବୈଜ୍ଞାନିକ ଜ୍ଞାନ କୌଶଳ ଉପରେ ମହିଳାମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହାସହିତ ମହିଳା କୃଷକମାନେ ସଂସ୍ଥା ଦ୍ୱାରା ପରିଚାଳିତ ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ନିର୍ଦ୍ଦେଶକ ଓ କୃଷି ବିଶେଷଜ୍ଞମାନେ ମହିଳା କୃଷକଙ୍କ ଦକ୍ଷତା ଓ ଅଭିଜ୍ଞତା ଉପରେ ସନ୍ତୋଷ ପ୍ରକାଶ କରିଥିଲେ। ଶେଷରେ ବିଶେଷଜ୍ଞ ମନୋରଞ୍ଜନ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ଷଷ୍ଠ ବାର୍ଷିକ ଗ୍ରାମେଶ୍ୱର ମହୋତ୍ସବ

**ଡେରାବିଶ, ୧୯।୩ (ସ୍ୱ.ପ୍ର.)**

ଯମଧର ପଞ୍ଚାୟତ ଅନ୍ତର୍ଗତ ଜଣ୍ଟିଲୋସ୍ଥିତ ଗ୍ରାମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଷଷ୍ଠ ବାର୍ଷିକ ଗ୍ରାମେଶ୍ୱର ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଅପରାହ୍ନରେ କାର୍ତ୍ତିକ ଚରଣ ନାୟକଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସମାରୋହର ଆୟୋଜନ କରାଯାଇଥିଲ। ଏଥିରେ ରବୀନ୍ଦ୍ର ମୋହନ ସାହୁ ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ପତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ଏକକ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ବାଲିଆ ନୋଡାଲ୍ ହାଇସ୍କୁଲର ଛାତ୍ରୀ ମଧୁସ୍ମିତା ବେଜ ଓ ଗ୍ରୁପ୍ ଡ୍ୟାନ୍ସରେ ପ୍ରଥମ ହୋଇଥିବା ବାଲିଆ ବିଦ୍ୟାମନ୍ଦିରର ଛାତ୍ରୀ ସ୍ୱପ୍ନାରାଣୀ ଭୂୟାଁ ଓ ଅର୍ଚ୍ଚିତା ଦାସଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଏଥିସହ କବି ମୃତ୍ୟୁଞ୍ଜୟ ମହାନ୍ତିଙ୍କୁ 'ଗ୍ରାମେଶ୍ୱର କର୍ମବୀର' ସମ୍ମାନ, ମଞ୍ଜୁଷା ମହାନ୍ତିଙ୍କୁ 'ଆଦର୍ଶ ମହିଳା' ଓ ଦୀପ୍ତିମୟୀ ବାରିକଙ୍କୁ 'ତଅପୋଇ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅପର୍ଣ୍ଣା ମହାନ୍ତି ଓ ଶ୍ରେୟାଂଶୀ ମହାନ୍ତି ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସମ୍ପାଦକ ମନୋଜ କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ମୋହନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଅତିଥିମାନେ ଜଣେ ବ୍ୟକ୍ତିଙ୍କୁ ସମ୍ମାନିତ କରୁଛନ୍ତି।

ଉତ୍ସବକୁ ଜମଧର ସେବା ସମବାୟ ସମିତି ସଭାପତି ଶିକ୍ଷାବିତ୍ କାର୍ତ୍ତିକ ଚରଣ ନାୟକ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଯୁବନେତା ରାଜେଶ ପଣ୍ଡା ମୁଖ୍ୟଅତିଥି, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଶୁଭ୍ରାଂଶୁ ଦାସ ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ସିଆର୍‌ସିସି ପ୍ରମୋଦ କୁମାର ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟସ୍ତରୀୟ ନୃତ୍ୟ ଓ ଅନ୍ୟାନ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ସ୍ଥାନୀୟ ଅଞ୍ଚଳର ୩୨ଟି ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

## ■ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିମ୍ନମାନର କାମ
# କାର୍ଯ୍ୟବନ୍ଦ କଲେ ଗ୍ରାମବାସୀ

**ମହାକାଳପଡା, ୧୯।୩ (ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଗ୍ରାମ୍ୟ ରାସ୍ତାଗୁଡିକୁ ପକ୍କା କରିବା ନିମନ୍ତେ କେନ୍ଦ୍ର ସରକାର ବିପୁଳ ଅର୍ଥ ଖର୍ଚ୍ଚ କରୁଛନ୍ତି। ମାତ୍ର ବହୁ ସମୟରେ ବିଭାଗୀୟ ଅଧିକାରୀଙ୍କ ଅବହେଳାଯୋଗୁ ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଛି।

ମହାକାଳପଡ଼ା ବ୍ଲକ ସୁନୀତି ପଞ୍ଚାୟତ ଅନ୍ତର୍ଗତ କଣ୍ଟିଲୋ– ସୁନୀତି ରାସ୍ତା ନିର୍ମାଣରେ ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି। ଏହି ରାସ୍ତା କାମ ନିମ୍ନମାନର ହେଉଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ମଙ୍ଗଳବାର କାର୍ଯ୍ୟ ବନ୍ଦ କରି ଦେଇଛନ୍ତି।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିଲା। ୪.୫୨୫କିଲୋମିଟର ଲମ୍ବର ଏହି ରାସ୍ତା ପାଇଁ ୩ କୋଟି ୨୧ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। ତେବେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀଙ୍କ ଖାମଖିଆଲି ନୀତିଯୋଗୁ ସମ୍ପୃକ୍ତ ଠିକାଦାର ନିମ୍ନମାନର କାମ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏହି ରାସ୍ତାର ଏକ ନାଳ ନିକଟରେ ଗାର୍ଡୱାଲ ନିର୍ମାଣରେ ଅତି ନିମ୍ନମାନର ବାଲି, ଚିପ୍ସ, ମେଟାଲ ଓ ଲୁଣି ପାଣି ବ୍ୟବହାର ହେଉଥିବାରୁ ଗ୍ରାମବାସୀ ମିଳିତହୋଇ କାମ ବନ୍ଦ କରିଦେଇଛନ୍ତି ବୋଲି ଗୋବିନ୍ଦ ଦାସ, ଶଙ୍କର ମାଇତି, ମାନସ ବେରା, ରବୀନ୍ଦ୍ର ଜେନା, କାଳୀପଦ ମାଇତି, ହରିପଦ ଖଡା ଓ ସୁଶାନ୍ତ କାମଳିଆ ପ୍ରମୁଖ କହିଛନ୍ତି।

ନିର୍ମାଣ କାର୍ଯ୍ୟ ବନ୍ଦ ହେବା ଖବର ପାଇ ବିଭାଗୀୟ ଯନ୍ତ୍ରୀ ଇଂ. କାମିନୀକାନ୍ତ ବେହେରା ଘଟଣାସ୍ଥଳରେ ପହଞ୍ଚି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏସମ୍ପର୍କରେ ତଦାରଖ ହେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ରିପୋର୍ଟ ଲେଖା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିବା ଜଣାପଡିଛି।



ରାସ୍ତା ନିର୍ମାଣ ସ୍ଥାନରେ ଲାଗିଥିବା ସୂଚନା ଫଳକ।


ଗ୍ରାମବାସୀ ରାସ୍ତା କାର୍ଯ୍ୟ ବନ୍ଦ କରୁଛନ୍ତି।

**କଣ୍ଟିଲୋ-ସୁନୀତି ରାସ୍ତା**
- ୩ କୋଟି ୨୧ ଲକ୍ଷ ଟଙ୍କାର ବ୍ୟୟ ଅଟକଳ
- ନିମ୍ନମାନର ବାଲି, ଚିପ୍ସ, ମେଟାଲ ବ୍ୟବହାର

## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର ମାମଲା ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ

**ବିରଜାକ୍ଷେତ୍ର, ୧୯।୩(ଡି.ଏନ୍.ଏ.):** ଯାଜପୁର ରୋଡ ଥାନା ଅଞ୍ଚଳରେ ୨୦୦୬ ଜାନୁୟାରୀ ୨୫ରେ ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର ମାମଲାରେ ଜିଲାଦୌରା ଜଜ୍ ମଙ୍ଗଳବାର ଅଭିଯୁକ୍ତଙ୍କୁ ୭ବର୍ଷ କାରାଦଣ୍ଡ ଆଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣଙ୍କ ସୋଲେଇ ଗ୍ରାମର ପ୍ରଫୁଲ୍ଲ ମହାରଣା(୩୮)। ପୀଡିତାଙ୍କ ଅଭିଯୋଗ ଆଧାରରେ ୧୨ ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ଦୌରା ଜଜ୍ ବିରଞ୍ଚି ନାରାୟଣ ମିଶ୍ର ଅଭିଯୁକ୍ତଙ୍କୁ ୩୭୬, ୪୫୨, ୩୬୫, ୩୪୧ ଦଫାରେ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାଟିକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ସମରେନ୍ଦ୍ର ଦାସ ପରିଚାଳନା କରିଥିଲେ। ପ୍ରକାଶ ଯେ, ଢେଙ୍କାନାଳ ଅଞ୍ଚଳର ସମ୍ପୃକ୍ତ ମହିଳାଙ୍କ ପିତା ଅସୁସ୍ଥ ଥିବାରୁ ଥାନା ଅଞ୍ଚଳରେ ଥିବା ବାପଘରକୁ ଆସିଥିଲେ। ୨୦୦୬ ଜାନୁଆରୀ ୨୫ ସନ୍ଧ୍ୟାରେ ପ୍ରଫୁଲ୍ଲ ମହିଳା ଜଣଙ୍କ ଘରେ ଏକା ଥିବା ସୁଯୋଗ ନେଇ ଜୋରଜବରଦସ୍ତ ଟ୍ରକ୍ ଯୋଗେ ୪୦ କିମି ଦୂର ବିଛା କାଟିଆ ଗ୍ରାମକୁ ନେଇ ୪ ଥର ବଳାତ୍କାର କରିଥିଲେ। ଏ ନେଇ ପୀଡିତା ମହିଳା ଜଣଙ୍କ ୨୬ ତାରିଖ ସକାଳେ ଚାଲିଚାଲି ଆସି ଯାଜପୁର ରୋଡ୍ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (୮/୨୦୦୬)ରେ ରୁଜୁକରି ପ୍ରଫୁଲ୍ଲଙ୍କୁ ଗିରଫ କରି ଜେଲ ପଠାଇଥିଲା।

# ନକଲି ଜର୍ଦ୍ଦା କାରଖାନା ଠାବ

**ଭଦ୍ରକ ଅଫିସ,୧୯।୩**

ଭଦ୍ରକ ସହରର ପୁରୁଣା ବଜାର ଅଞ୍ଚଳରେ ନକଲି ଜର୍ଦ୍ଦା କାରବାର କିପରି ଅବାଧରେ ଚାଲିଥିଲା ତାହାର ନଜୀର ପଦାକୁ ଆସିଛି। ଗୋଟିକ ପରେ ଗୋଟିଏ ନକଲି ଜର୍ଦ୍ଦା କାରଖାନା ଠାବ ଏଠି ଚର୍ଚ୍ଚାକୁ ଆସିଛି। ସୋମବାର ବିଳମ୍ବିତ ରାତିରେ ଭଦ୍ରକ ପୁରୁଣାବଜାର ପୋଲିସ ଚଢାଉ କରି ଆଉ ଏକ ନକଲି ଜର୍ଦ୍ଦା କାରଖାନା ଠାବ କରିଛି। ଥାନାଧିକାରୀ ପ୍ରଜ୍ଞା ମହାନ୍ତିଙ୍କ ନେତୃତ୍ୱରେ ଛଡ଼ାକମହଲା ସୁଲତାନ ନଗରରେ ବହୁଦିନଧରି ଚାଲିଥିବା ଉକ୍ତ ନକଲି ଜର୍ଦ୍ଦା କାରଖାନା ଉପରେ ଚଢାଉ କରାଯାଇଥିଲା। ସେଠାରୁ ଲକ୍ଷାଧିକ ଟଙ୍କାର ନାମୀଦାମୀ କମ୍ପାନୀର ନକଲି ଜର୍ଦ୍ଦା, ପ୍ୟାକିଂ ମେଶିନ ଓ କଞ୍ଚାମାଲ ଜବତ ହୋଇଛି। କାରଖାନା ମାଲିକ ଫେରାର ହୋଇଯାଇଛନ୍ତି । ଉଲ୍ଲେଖନୀୟ ଯେ, ଏଥିପୂର୍ବରୁ ପ୍ରାୟ ୧୦ ରୁ ଊର୍ଦ୍ଧ୍ୱ ଅନୁରୂପ ନକଲି ଜର୍ଦ୍ଦା କମ୍ପାନୀକୁ ପୋଲିସ ଠାବ କରି ୧୦ ରୁ ଊର୍ଦ୍ଧ୍ୱ ବେପାରୀଙ୍କୁ ଗିରଫ କରିଛି। ଏହାସତ୍ତ୍ୱେ ପୁରୁଣାବଜାର ଅଞ୍ଚଳରେ ନକଲି ଜର୍ଦ୍ଦା କାରଖାନା ଏକ କୁଟୀର ଶିଳ୍ପ ରୂପ ନେଇଛି।



ଜବତ ନକଲି ସାମଗ୍ରୀ

# ଘରେ ପଶି ବଳାତ୍କାର ଉଦ୍ୟମ

**ଭଣ୍ଡାରିପୋଖରୀ,୧୯।୩(ଡି.ଏନ.ଏ.)**

ମଙ୍ଗଳବାର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ କୁରିକଣ ଅଞ୍ଚଳର ଜଣେ ଯୁବତୀଙ୍କୁ ତାଙ୍କ ଘରେ ବଳାତ୍କାର ଉଦ୍ୟମ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଥାନାରେ ମାମଲା ରୁଜୁ ହୋଇ ନ ଥିଲେ ମଧ୍ୟ ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଯୁବକଙ୍କ ଆକ୍ରମଣରେ ଯୁବତୀ ଜଣକ ଲହୁଲୁହାଣ ହୋଇଥିବା ଓ ସେ ପିନ୍ଧିଥିବା ସୁନାହାର ଲୁଟି ନିଆଯାଇଥିବା ଲିଖିତ ଅଭିଯୋଗରେ ଦର୍ଶାଯାଇଛି। ଅଭିଯୁକ୍ତ ଜଣକ ଛାତକୁ ଚଢି ଘରେ ପଶି ଏଭଳି କାଣ୍ଡ ଘଟାଇଥିଲେ। ସେ ଖସିଯିବା ବେଳେ ନିଜ ସାର୍ଟ, ଟୋପି ଓ ମଦ ବୋତଲ ଛାଡି ଯାଇଥିବା ପୋଲିସ କହିଛି।

■ ଏକାଧିକ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଘଟଣା

# ଅଭିଯୁକ୍ତ ଶିକ୍ଷକ ଗିରଫ

**ବିଞ୍ଝାରପୁର,୧୯।୩(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଅଞ୍ଚଳର ଏକ ବିଦ୍ୟାଳୟରେ ଏକାଧିକ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରିବା ସହ ଯୌନ ନିର୍ଯାତନା ଦେଇଆସୁଥିବା ଘଟଣାରେ ମଙ୍ଗଳବାର ବିଞ୍ଝାରପୁର ପୋଲିସ ଶିକ୍ଷକ ଶରତ ମିଶ୍ରଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୫୬/୧୯) ରୁଜୁ କରିବା ସହ ନାବାଳିକା ଛାତ୍ରୀଙ୍କ ଡାକ୍ତରୀମାଇନା କରିଛି।

ପ୍ରକାଶ ଯେ, ଶରତ ଦୀର୍ଘଦିନ ହେବ ବିଦ୍ୟାଳୟର ଏକାଧିକ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରିବା ସହ ଯୌନ ନିର୍ଯାତନା ଦେଇଆସୁଥିଲେ। ଏଥିସହ ଘଟଣା ସମ୍ପର୍କରେ କାହାକୁ ନ ଜଣାଇବାକୁ ଛାତ୍ରୀଙ୍କୁ ଧମକ ଚମକ ଦେଉଥିଲେ। ହେଲେ ଶରତ ସୋମବାର ଜଣେ ନାବାଳିକା ଛାତ୍ରୀଙ୍କ ସହ ଅସଦାଚରଣ କରିବା ପରେ ସମ୍ପୂର୍ଣ୍ଣ ଘଟଣା ପଦାକୁ ଆସିଥିଲା। ଛାତ୍ରୀ ଜଣକ ପ୍ରଥମେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ପରେ ପରିବାର ଲୋକଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ସ୍ଥାନୀୟ ଲୋକେ ଶିକ୍ଷକ ଶରତଙ୍କୁ ସ୍କୁଲ ମଧ୍ୟରେ କାବୁ କରିଥିଲେ। ଖବରପାଇ ପୋଲିସ ଶରତଙ୍କୁ ଆଣି ଥାନାରେ ଅଟକ ରଖିଥିଲା। ଏ ନେଇ ମଙ୍ଗଳବାର ପୀଡ଼ିତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ଅଭିଯୁକ୍ତ ଶରତ ମିଶ୍ରଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ଶିବ ଚରଣ ବେହେରା ପ୍ରକାଶ କରିଛନ୍ତି।

# ବିହାରୀ ମଦ ମାଫିଆଙ୍କ ସମେତ ୨ ଗିରଫ

**ଭଦ୍ରକ ଅଫିସ, ୧୯।୩**

ବାଲେଶ୍ୱରରୁ ଭଦ୍ରକ ଚୋରାମଦ ଚାଲାଣ ହେଉଥିବାବେଳେ ସୋମବାର ବିଳମ୍ବିତ ରାତିରେ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ରାଣୀତାଲ ବଜାର ନିକଟରେ ଚଢ଼ାଉ କରି ଏକ ବୋଲେରୋକୁ ଜବତ କରିଛି। ଏଥିରୁ ୪୦୦ ଲିଟର ଦେଶୀ ମଦ ଜବତ ହୋଇଛି। ଏଥିସହ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବୋଲେରୋ ଡ୍ରାଇଭର ମୟୂରଭଞ୍ଜ ଜିଲାର ଗଜେନ୍ଦ୍ର ମହନ୍ତ ଓ ମଦ ମାଫିଆ ବିହାରର ରବିରଞ୍ଜନ କୁମାର। ଏହି ଚୋରା ଚାଲାଣ ର୍ୟାକେଟ ପଛରେ ଆଉ କେଉଁମାନେ ଅଛନ୍ତି, ସେ ନେଇ ତଦନ୍ତ ଜାରି ରହିଛି।

ଜମାକାରୀଙ୍କ ଅଜାଣତରେ ବ୍ୟାଙ୍କରୁ ସ୍ଥାୟୀ ଜମା ଟଙ୍କା ଉଠାଣ

# ସନ୍ଦେହରେ ଶାଖା ପରିଚାଳକ, ବ୍ୟାଙ୍କ କର୍ମଚାରୀଙ୍କ ଭୂମିକା

**ବିଞ୍ଝାରପୁର,୧୯।୩(ଡି.ଏନ.ଏ.)**

ବିଞ୍ଝାରପୁର ଥାନା ଅନ୍ତର୍ଗତ ଅଙ୍ଗାଲୋସ୍ଥିତ ଏସ୍‌ବିଆଇ ଶାଖାରେ ଫତେପୁର ଅଞ୍ଚଳର ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ୨୦୧୪ରେ ୬ ଲକ୍ଷ ଟଙ୍କା ସ୍ଥାୟୀ ଜମା କରିଥିଲେ। ଏହି ସ୍ଥାୟୀ ଜମା ବଣ୍ଡକୁ ଜିମା ରଖି ଦେଢ ବର୍ଷ ପୂର୍ବେ ବ୍ୟାଙ୍କରୁ ଦେଢ ଲକ୍ଷ ଟଙ୍କା ଋଣ ଆଣିଥିଲେ। ସୋମବାର କର୍ମଚାରୀ ଜଣକ ଏହି ଋଣ ପରିଶୋଧ କରିବାକୁ ବ୍ୟାଙ୍କକୁ ଯାଇଥିବା ବେଳେ ସ୍ଥାୟୀ ଜମା ଭାଙ୍ଗି ଦିଆଯାଇଥିବା ଜାଣିବାକୁ ପାଇଲେ। ଏ ନେଇ ସେ ପ୍ରତିବାଦ କରିବା ସହ ଶାଖା ପରିଚାଳକ ଶଶିଭୂଷଣ ପଣ୍ଡାଙ୍କୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରି ନ ଥିଲା। ବ୍ୟାଙ୍କ ତ୍ରୁଟି ଯୋଗୁ ଏଭଳି ସ୍ଥିତି ହୋଇଥିବା ପ୍ରକାଶ କରି ଶାଖା ପରିଚାଳକ ଜମାକାରୀଙ୍କୁ ବୁଝାଶୁଝା କରିଥିଲେ। ତେବେ ଏହି ଜମା ୨୦୨୨ରେ ମ୍ୟାଚୁରୁଟି ହେବାର ଥିଲା। ସେତେବେଳେ ହିତାଧିକାରୀ ପ୍ରାୟ ୧୨ ଲକ୍ଷ ଟଙ୍କା ପାଇଥାନ୍ତେ। ଏବେ ବ୍ୟାଙ୍କ ହିତାଧିକାରୀଙ୍କୁ ମାତ୍ର ୭ ଲକ୍ଷ ଟଙ୍କା ଦେଇ ପୁଣି ଥରେ ସ୍ଥାୟୀ ଜମା କରିବାକୁ ପ୍ରବର୍ତ୍ତାଇ ଘଟଣାକୁ ରଫାଦଫା କରିଥିବା ଚର୍ଚ୍ଚା ହେଉଛି। ତେବେ ଏହି ଘଟଣାରେ ଏସ୍‌ବିଆଇ ଅଙ୍ଗାଲୋର ଶାଖା ପରିଚାଳକ ଶଶିଭୂଷଣ ପଣ୍ଡା ଓ କେତେଜଣ କର୍ମଚାରୀଙ୍କ ଭୂମିକା ସନ୍ଦେହଜନକ ରହିଥିବା ଜଣାପଡ଼ିଛି। ଏସ୍‌ବିଆଇ ଉଚ୍ଚ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


ଦୁଃଖ ଆପେ ଆପେ ଆସୁଥିବାରୁ
ସେ ଚିରସ୍ଥାୟୀ ନୁହେଁ।
- ଶ୍ରୀମା



## ସଂକ୍ଷେପରେ

### ୩୬ ବୋତଲ ବିଦେଶୀ ମଦ ଜବତ, ୨ ଜେଲ୍ ଗଲେ



ରଣପୁର,୧୯।୩(ସ୍ୱ.ପ୍ର.): ରଣପୁର ଥାନା ଚମ୍ପତିପୁର ଛକରେ ମଙ୍ଗଳବାର ପୋଲିସ ଚଢ଼ାଉ କରି ୩୬ ବୋତଲ ବିଦେଶୀ ମଦ ଜବତ କରିବା ସହିତ ସମ୍ପୃକ୍ତ ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ନିରଞ୍ଜନ ପାତ୍ର (୩୪) ଓ ଅଭିମନ୍ୟୁ ସାହୁ (୩୦)। ଏ ନେଇ ଥାନାରେ ୬୧/୧୯ରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ ରଣପୁର କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି। ବୃନ୍ଦାବନପୁର ପଞ୍ଚାୟତର ବିଭିନ୍ନ ପାନ ଓ ମସଲା ଦୋକାନରେ ବେଆଇନ ଭାବେ ଦେଶୀ, ବିଦେଶୀ ମଦ କାରବାର ହେଉଥିବା ଅଭିଯୋଗ ହୋଇଆସୁଛି। ମଙ୍ଗଳବାର ବିଶେଷ ସୂତ୍ରରୁ ଖବର ପାଇ ରଣପୁର ଥାନା ଏସ୍ଆଇ ପ୍ରୀତି ପ୍ରକାଶ ମହାନ୍ତି ଓ କର୍ମଚାରୀମାନେ ଚମ୍ପତିପୁର ଛକଠାରେ ଜଗି ରହିଥିଲେ। ନିରଞ୍ଜନ ପାତ୍ର ନିଜ ବାଇକ୍ରେ ୩୬ ବୋତଲ ବିଦେଶୀ ମଦ ନେଇ ନିଜ ଗ୍ରାମରେ କରିଥିବା ଦୋକାନରେ ବିକ୍ରି କରିବା ପାଇଁ ଯାଉଥିବା ବେଳେ ପୋଲିସ ତାଙ୍କଠାରୁ ମଦ ଜବତ କରିବା ସହ ଉଭୟଙ୍କୁ ଗିରଫ କରି ରଣପୁର ଥାନାକୁ ଆଣିଥିଲା।

### ବାଳିକା ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍ଯାପିତ



ବୋଲଗଡ଼,୧୯।୩(ଡି.ଏନ.ଏ.): ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ କାଳିଚରଣ ପାଞ୍ଚଗଡ ଅନଙ୍ଗ ନରେନ୍ଦ୍ର ଡିଗ୍ରୀ ମହାବିଦ୍ୟାଳୟରେ ଆୟୋଜିତ ବାଳିକା ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍ଯାପିତ ହୋଇଯାଇଛି । ଏହାର ସଂଯୋଜକ ଅଧ୍ୟାପକ ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ତାଲିମ ୨ସପ୍ତାହ ଧରି ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ୯୬ଜଣ ଛାତ୍ରୀ ଆତ୍ମରକ୍ଷା ତାଲିମ ନେଇଥିଲେ। ଦୀପ୍ତିମୟୀ ଦେଓ ଏବଂ ରୋଜାଲିନ ଜେନା ମାଷ୍ଟର ଟ୍ରେନର ଦାୟିତ୍ୱ ବହନ କରିଥିଲେ। ଅୟୋଜିତ ସଭାରେ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମନ୍ତରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷାବିତ୍ କାଳି ଚରଣ ଜୟସିଂହ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ସରୋଜ କୁମାର ମିଶ୍ର, ପିତବାସ ମିଶ୍ର, ଅଧ୍ୟାପିକା ଝିଲି ମହନ୍ତ ଏବଂ ବିଜୟଲକ୍ଷ୍ମୀ ପରିଡ଼ା ମଞ୍ଚାସୀନ ଥିଲେ। ଅତିଥି ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ ।

### ବିଜେଡିର ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୧୯।୩(ସ୍ୱ.ପ୍ର.): ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ୬ନଂ. ଜୋନ ବିଜେଡି ପକ୍ଷରୁ ସୋମବାର କଣ୍ଟିଲୋ ମାଘମେଳା ପଡିଆରେ ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ୫ଶହରୁ ଉର୍ଦ୍ଧ୍ୱ ଯୁବକ ମୋଟରସାଇକେଲ ରାଲିରେ ସାମିଲ ହୋଇଥିଲେ। ବୋଦଶା ପଞ୍ଚାୟତରୁ କର୍ମୀମାନେ ରାଲିରେ ବାହାରି ବେଣାଗାଡିଆ ଓ ବଡବାଣପୁର ପରିକ୍ରମା କରି କଣ୍ଟିଲୋଠାରେ ପହଞ୍ଚିଥିଲେ। ମାଘମେଳା ପଡିଆରେ ଆୟୋଜିତ ସମାବେଶରେ ଖଣ୍ଡପଡା ବ୍ଲକ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିୟାରସିଂ, ଛାତ୍ର ଜନତା ସଭାପତି ନାରାୟଣ ଜେନା, ଭାପୁର ବ୍ଲକ ଯୁବଛାତ୍ର ଜନତା ସଭାପତି ବର୍ଷା ନାୟକ, ନୟାଗଡ ବିଜୁ ଛାତ୍ର ଜନତା ଉପସଭାପତି ସର୍ବେଶ୍ୱର ସ୍ୱାଇଁ, ସମ୍ପାଦକ ଅଭିଜିତ ପଟ୍ଟନାୟକ, ବରିଷ୍ଠ ବିଜେଡି କର୍ମୀ ଅଖିଳ କୁମାର ମହାରଣା, ବଡବାଣପୁର ସରପଞ୍ଚ ପ୍ରଦୀପ କୁମାର କର, ସମିତି ସଭ୍ୟ ସଦାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ଓଡିଶା ପ୍ରତି ଅବହେଳା ନେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଆଗାମୀ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଆହ୍ୱାନ ଦେଇଥିଲେ । ମହାନଦୀ ଜଳ ଆବଣ୍ଟନ, ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ମନ୍ଥରତା, ଜାତୀୟ ରାଜପଥକୁ ଅର୍ଥ ପ୍ରଦାନ ଭଳି ବିଭିନ୍ନ ବିଷୟରେ କେନ୍ଦ୍ରର ଓଡିଶା ପ୍ରତି ବୈମାତୃକ ମନୋଭବକୁ ନେତୃବୃନ୍ଦ ଘୋର ବିରୋଧ କରିଥିଲେ । କାର୍ଯ୍ୟକ୍ରମରେ ଏକ ହଜାରରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଯୋଗଦେଇଥିଲେ।

## ଆଜି ସାର୍ବଜନୀନ ପଖାଳ ଦିବସ

# ପଖାଳର ବିକଳ୍ପ ଖାଦ୍ୟ ନାହିଁ

ନୟାଗଡ଼ ଅଫିସ,୧୯।୩

ରୋଷେଇ ଘରର ୪ କାନ୍ଥରେ ଅଟକି ଯାଇନି ଓଡ଼ିଆମାନଙ୍କ ପ୍ରିୟ ଖାଦ୍ୟ ପଖାଳ। ପଖାଳ ଭାତ(ୱାଟର ରାଇସ)ବର୍ତ୍ତମାନ ହାଣ୍ଡିଶାଳରୁ ବାହାରି ପଞ୍ଚତାରକା ହୋଟେଲ୍ର ମେନ୍ୟୁରେ ସ୍ଥାନ ପାଇଲାଣି । ସେ ଉଚ୍ଚ ବର୍ଗର ହୁଅନ୍ତୁ କି ନିମ୍ନ ବର୍ଗର ଲୋକ ଖରାଦିନେ ସମସ୍ତଙ୍କର ପ୍ରଥମ ପସନ୍ଦ ପଖାଳ। ଚାଷୀ କିନ୍ତୁ ବରଷକ ବାର ମାସ ପଖାଳ ଖାଏ। କୁହାଯାଏ ପଖାଳ ଖାଇଲେ କୁଆଡ଼େ ମନ ଓ ଆତ୍ମାକୁ ଶାନ୍ତି ମିଳେ। ଖାଲି ଯେ ପଖାଳ ପାଟିକୁ ସୁଆଦିଆ ତାହା ନୁହେଁ ଏହା ଦେହ ପାଇଁ ମଧ୍ୟ ହିତକର। ପଖାଳ ବିଭିନ୍ନ ପ୍ରକାରର। ଏହା ସଜ, ବାସି ପଖାଳ, ପୁଣି ଜିରା ଓ ଦହି ପଖାଳ। ପଖାଳ ସାଙ୍ଗକୁ ବିଭିନ୍ନ ପ୍ରକାର ଭଜା, ଭରତା, ଚଟଣୀ, ଆଚାର ଏପରିକି ବଡ଼ିଚୂରା ପରଷା ଯାଇଥାଏ। ଯାହା ପଖାଳର ସ୍ୱାଦକୁ ଅଧିକ ରୁଚିକର କରିଥାଏ। ପଖାଳ ଭାତକୁ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ନାମରେ ନାମିତ କରାଯାଇଛି। ବେଙ୍ଗଲରେ ପନ୍ଥା ଭାତ, ଛତିଶଗଡ଼ରେ ବୋର ଭାତ, ଝାଡ଼ଖଣ୍ଡରେ ପାଣି ଭାତ, ଆସାମରେ ପୋଇତ ଭାତ ଭଳି ବିଭିନ୍ନ ରାଜ୍ୟରେ ଭିନ୍ନ ନାମ ରହିଛି । ଖରା ୪ ମାସ ପଖାଳ ଖାଇଲେ ଅଂଶୁଘାତ ରୋଗ ହେବାର ଭୟ ରହିବ ନାହିଁ ବୋଲି ମତପ୍ରକାଶ ପାଇଛି। କିଛି ବର୍ଷ ହେଲାଣି ମାର୍ଚ୍ଚ ମାସ ୨୦ ତାରିଖକୁ ସାର୍ବଜନୀନ ପଖାଳ ଦିବସ ରୂପେ ପାଳନ କରାଯାଉଛି। ଏ ସମ୍ପର୍କରେ ବିଭିନ୍ନବର୍ଗର ଲୋକଙ୍କ ମତକୁ ନେଇ ଉପସ୍ଥାପନା....




ସହରରେ ଆଜିକାଲି ବହୁତ କମ୍ ଲୋକ ପଖାଳ ଖାଉଛନ୍ତି। କିନ୍ତୁ ଗ୍ରାମାଞ୍ଚଳରେ ଏହାର ଚାହିଦା ଅଧିକ । ସକାଳେ ପଖାଳ ଖାଇଦେଇ ଯୁଆଡ଼େ ଗଲେ ପେଟ ପାଇଁ ଆଉ କିଛି ଚିନ୍ତା ନାହିଁ। ପଖାଳ ଖାଇବା ଦ୍ୱାରା ଖରାଦିନେ ପେଟ ଥଣ୍ଡା ରହିବା ସହିତ ମନକୁ ଶାନ୍ତି ମିଳିଥାଏ।
**- ଶିବାନୀ ଶଙ୍କର ପ୍ରଧାନ, ରଣପୁର, ନୟାଗଡ଼**


ଆମେ ପଖାଳ ଖାଇ ସ୍କୁଲକୁ ଯାଉଥିଲୁ । ବିଶେଷ କରି ଖରାଦିନେ ସଜ ପଖାଳ ସାଙ୍ଗକୁ ବଡ଼ି ଚୂରା, ଆଳୁ ବାଇଗଣ ପୋଡ଼ା ସ୍ୱାଦ ନିଆରା। ଘରୁ ଶାଗ ପଖାଳ ଖାଇ ପାଠପଢ଼ି ହାକିମ ହୋଇଥିବା ବ୍ୟକ୍ତି ଏହାର ମହତ୍ତ୍ୱ ଉପଲବ୍ଧି କରିପାରିବେ। ଓଡ଼ିଆଙ୍କର ପ୍ରିୟ ଖାଦ୍ୟ ପଖାଳ। କଂସା ବେଲାରେ ପଖାଳ ଖାଇ ତୋରାଣି ମୁନ୍ଦେ ପିଇଦେଲେ ଆଶ୍ୱସ୍ତି ଲାଗେ।
**- ବିଜୟଲକ୍ଷ୍ମୀ ସାହୁ, ଭାପୁର, ନୟାଗଡ଼**


କଂସା ବେଲାରେ ପଖାଳ ସାଙ୍ଗକୁ ଆମ୍ବ ଡେମ୍ଫ ଭାଙ୍ଗି ନସିର ସ୍ୱାଦ ସତରେ ନିଆରା। ଏହା ସାଙ୍ଗକୁ ବଡ଼ିଚୂରା ଓ ଶାଗଭଜା ଖାଇବାକୁ ଆରାମ ଲାଗେ। ବର୍ଷକର ପ୍ରାୟ ଅଧିକାଂଶ ଦିନ ଘରେ ପଖାଳ ଖିଆଯାଏ। ଖରାଦିନେ ପଖାଳ ନ ଖାଇଲେ ଭଲ ଲାଗେନି। ଦୀର୍ଘଦିନ ଧରି ପଖାଳ ଖାଇ ଆସୁଥିଲେ ମଧ୍ୟ ବର୍ତ୍ତମାନ ଅସୁସ୍ଥତା ଯୋଗୁ ଏହାକୁ ନିଷେଧ କରାଯାଇଛି।
**- ଅନାଦି ଚରଣ ସାହୁ , ଖଣ୍ଡପଡ଼ା, ନୟାଗଡ଼**


ପଖାଳ ତ ଆମ ଓଡ଼ିଆମାନଙ୍କର ଜୀବନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଅନ୍ୟଦିନ ଅପେକ୍ଷା ଖରାଦିନେ ଦହି ପଖାଳ ସାଙ୍ଗକୁ ବଡ଼ି ଚୂରା , ଦେଶୀ ପିଆଜ ଲଗାଇ ଖାଇବା ସବୁ ଦାମୀ ଖାଦ୍ୟକୁ ପଛରେ ପକାଇଦେବ। ସାଧାରଣରେ ଏହି ସ୍ୱାଦିଷ୍ଟ ଖାଦ୍ୟର ଦିବସ ପଖାଳ ଦିବସ ପାଳନ ନିଶ୍ଚିତ ଭାବରେ ଆମ ଓଡ଼ିଆମାନଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। କାରଣ ଓଡ଼ିଆମାନେ ଏହି ପଖାଳ ଖାଦ୍ୟର ଆରମ୍ଭ କରିଥିଲେ।
**- ଶ୍ରୀକାନ୍ତ କୁମାର ସାହୁ, ଓଡ଼ଗାଁ, ନୟାଗଡ଼**


ଆମ ଓଡ଼ିଆମାନଙ୍କର ପଖାଳ ବହୁତ ପସନ୍ଦ, ଓଡ଼ିଆ ଘରର ବୋହୂ ହିସାବରେ ମୁଁ ବା ଏଥିରୁ ବାଦ୍ ପଡ଼ିବି କେମିତି। ପଖାଳ ଖାଇବା ପାଇଁ ଯେତିକି ସ୍ୱାଦିଷ୍ଟ ହୋଇଥାଏ, ସେତିକ ଦେହ ପାଇଁ ହିତକର ମଧ୍ୟ। ପଖାଳ ଭାତ ଖାଇଦେଇ ତୋରାଣି ପିଇଦେଲେ ଆତ୍ମାକୁ ଶାନ୍ତି ଲାଗିଥାଏ। ଓଡ଼ିଆ ଲୋକମାନେ ପଖାଳକୁ ଭୁଲି ପାଶ୍ଚାତ୍ୟ ଖାଦ୍ୟକୁ ଆପଣାଇଥିବା ବେଳେ ପାଶ୍ଚାତ୍ୟ ଲୋକମାନେ ଏହାକୁ ପସନ୍ଦ କରୁଛନ୍ତି।
**- ରଜନୀ ପ୍ରଧାନ, ନୂଆଗାଁ, ନୟାଗଡ଼**


ଓଡ଼ିଶାର ଅଧିକାଂଶ ପରିବାର ଖରା ୪ ମାସ ପଖାଳ ଖାଇଥାନ୍ତି। ଗରିବ ହୁଅନ୍ତୁ କି ଧନୀ ସମସ୍ତଙ୍କ ପସନ୍ଦ ପଖାଳ ଭାତ। କେବଳ ଖରା ଦିନେ ନୁହେଁ ବର୍ଷକର ବାରମାସରୁ କେବଳ ଶୀତ ୪ ମାସ ଛାଡ଼ି ଦେଲେ ଓଡ଼ିଆଙ୍କ ମୁଖ୍ୟ ଖାଦ୍ୟ ପାଲଟେ ପଖାଳ। ଗାଁରେ ମୂଲ ଲାଗୁଥିବା ମଜୁରିଆଠାରୁ ଆରମ୍ଭ କରି ସହରରେ ରହୁଥିବା ବାବୁମାନେ ମଧ୍ୟ ପଖାଳ ଖାଆନ୍ତି। ଏହାର ବିକଳ୍ପ ଖାଦ୍ୟ କିଛି ନାହିଁ।
**- ମଧୁସ୍ମିତା ସ୍ୱାଇଁ, ସାଲୁଣୀ, ନୟାଗଡ଼**


ପଖାଳ ଆମର ମୁଖ୍ୟ ଖାଦ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ସକାଳୁ ଦାନ୍ତ ଘଷିଲା ପରେ ମୁଁ ପଖାଳ ଭାତ ସହିତ ବାଇଗଣ କିମ୍ବା ଆଳୁପୋଡ଼ା ଲଗାଇ ଖାଇବାକୁ ଭଲପାଏ। ସକାଳୁ ଛଣାଛଣି ଜଳଖିଆ ଖାଇବା ଅପେକ୍ଷା ପଖାଳ ଭାତ ଶାନ୍ତି ଲାଗେ। ଖରାଦିନେ ମୁଁ ତିନି ଓଳି ପଖାଳ ଖାଏ। ସବୁବେଳେ ପଖାଳ ଭାତ ଖାଇଲେ ଏସିଡ଼ିଟି ଓ ସୁଗାର ବୃଦ୍ଧି ପାଉଥିବାର ଡାକ୍ତରମାନେ କହୁଥିବାରୁ ମନରେ ଆଶଙ୍କା ଦେଖାଦେଉଛି।
**- ଅଜୟ ବେହେରା, ଗଣିଆ, ନୟାଗଡ଼**

### ବାର୍‌ହା ଉପଦ୍ରବ, ବ୍ୟାପକ ଫସଲ ହାନି

ଖଣ୍ଡପଡ଼ା,୧୯।୩(ସ୍ୱ.ପ୍ର.)

ଖଣ୍ଡପଡ଼ା ବନାଞ୍ଚଳ ଅଧୀନ ସଂରକ୍ଷିତ ଜଙ୍ଗଲଗୁଡ଼ିକରେ ବନ୍ୟଜନ୍ତୁ ବିଶେଷ କରି ବାର୍‌ହାଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। ଏମାନଙ୍କ ଉପଦ୍ରବ ଏବେ ଖଣ୍ଡପଡ଼ା ଅଞ୍ଚଳର ଚାଷୀଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ସଞ୍ଜ ନଇଁଲେ ପଲ ପଲ ବାର୍‌ହା ନିକଟସ୍ଥ ଜମିରେ ପଶି ପନିପରିବା ସହ ଧାନ, ଆଖୁ, ସାରୁ ଆଦି ଫସଲ ନଷ୍ଟ କରୁଛନ୍ତି। ବାର୍‌ହା ଯୋଗୁ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ, କୋସକା, ସିଂହାପଡା, ବେଣାଗାଡିଆ, ଗୋପୀନାଥପୁର, ବାଣପୁର, ଘଣାଶାଳିଆ, ବଳରାମପ୍ରସାଦ, ପଥରଚକଡା, ମାଧପୁର, ହନୁମନ୍ତପ୍ରସାଦ, ବାଉଁଶବାଟି, ମହୁଲବେରଣା ଆଦି ଅଞ୍ଚଳର ବ୍ୟାପକ ଫସଲ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଏମାନଙ୍କୁ ଘଉଡ଼ାଇବା ପାଇଁ ଚାଷୀମାନେ ଉଦ୍ୟମ ଜାରି ରଖିଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଅନେକ ସମୟରେ କେତେକ ଚାଷୀ ରାତିରେ ଭାଡିରେ ଜଗି ରହି ଉପଦ୍ରବ କରୁଥିବା ବାର୍‌ହା ଶୀକାର କରୁଥିବା ଜଣାପଡିଛି। ଏକର ଏକର ଚାଷଜମି ଏବେ ବାର୍‌ହାଙ୍କ ଯୋଗୁ ଉଜୁଡ଼ିବାକୁ ବସିଛି। ସେହିପରି ସିଧାମୂଳା ଗହୀରରେ ପ୍ରଚୁର ପରିମାଣର ବାଦାମ, କନ୍ଦମୂଳ ସହିତ ବିଭିନ୍ନ ପ୍ରକାର ପନିପରିବା ଚାଷ କରାଯାଇଛି। ରାତିରେ ଦଳ ଦଳ ବାର୍‌ହା ଏହି ଜମିରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଥିବା ଜଣାପଡିଛି। ଏହାକୁ ନେଇ ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି। ମଙ୍ଗଳବାର ଗ୍ରାମ ସଭାପତି ଉଦ୍ୟାନାଥ ମିଶ୍ରଙ୍କ ସଭାପତିତ୍ୱରେ ପ୍ରାୟ ଶତାଧିକ ଚାଷୀ ମିଳିତ ହୋଇ ଏହାର ପ୍ରତିକାର ଦିଗରେ ଆଲୋଚନା କରିଥିଲେ। ପରେ ସେମାନେ ଏ ନେଇ ଖଣ୍ଡପଡା ବନାଞ୍ଚଳ ଅଧିକାରୀଙ୍କୁ ଅବଗତ କରିଥିଲେ। ବୁଧବାର ଉକ୍ତ ଅଞ୍ଚଳକୁ ବନ କର୍ମଚାରୀ ଯାଇ ଘଟଣାର ଅନୁଧ୍ୟାନ କରିବେ ବୋଲି ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡା ସୂଚନା ଦେଇଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁସାଧାରଣରେ ଦାବିହେଉଛି।

## ଭାଜପାର ବିଜୟ ସଂକଳ୍ପ ସମାବେଶ

# ମୁଖ୍ୟମନ୍ତ୍ରୀଙ୍କୁ ଗାଦିଚ୍ୟୁତ କରିବା ମୋର ଲକ୍ଷ୍ୟ:ଦାମ


ବିଧାୟକ ଦାମୋଦର ରାଉତ ଅଭିଭାଷଣ ରଖୁଛନ୍ତି।

ନୟାଗଡ଼ ଅଫିସ,୧୯।୩

ଦଶପଲ୍ଲା ନିର୍ବାଚନମଣ୍ଡଳୀର ଦଶପଲ୍ଲା ବଜାରରେ ମଙ୍ଗଳବାର ଭାଜପାର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାଦୀପ ବିଧାୟକ ଡାକ୍ତର ଦାମୋଦର ରାଉତ ଯୋଗଦେଇ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ଜିଲା ସଭାପତି ସନ୍ନ୍ୟାସୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡାକ୍ତର ରାଉତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗାଦିଚ୍ୟୁତ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି କହିଛନ୍ତି। ଜନସାଧାରଣ ଏଥିରେ ସହଯୋଗ କଲେ ନିଶ୍ଚୟ ଏହା ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ। ତେଣୁ ରାଜ୍ୟରେ ଶାସନର ପରିବର୍ତ୍ତନ କରିବାକୁ ଆହ୍ୱାନ ଦେଇଥିଲେ। ଆଦିବାସୀମାନେ ନିଜର ଜମି ପଟ୍ଟା ପାଇଁ ହଇରାଣ ହେଉଛନ୍ତି, ଚାଷୀମାନେ ଆତ୍ମହତ୍ୟା କରୁଛନ୍ତି, ମହିଳାମାନେ ବଳାତ୍କାରର ଶିକାର ହେଉଛନ୍ତି, ଯୁବକମାନେ ବେକାର ହୋଇ ବୁଲୁଛନ୍ତି। ଏଭଳି ସ୍ଥଳେ ରାଜ୍ୟର ବିକାଶ ହେଉଥିବା କଥା କହି ବିଜେଡି ରାଜ୍ୟବାସୀଙ୍କୁ ୧୯ ବର୍ଷ ହେଲା ପ୍ରତାରଣା କରି ଆସୁଥିବା ରାଉତ ଅଭିଭାଷଣରେ କହିଥିଲେ। ଅଭିନେତା ଶ୍ରୀତମ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ଓଡ଼ିଶାରେ ଶାସନର ପରିବର୍ତ୍ତନ ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ଯୁବମୋର୍ଚ୍ଚା ଉପସଭାପତି ଠାକୁର ରଞ୍ଜିତ ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁକାନ୍ତ ପାଣିଗ୍ରାହୀ, ପୂର୍ବତନ ଜିଲା ସଭାପତି ପ୍ରସନ୍ନ ଦାସ, ସାଧାରଣ ସମ୍ପାଦକ ମନୋଜ ବେହେରା,କୋଷାଧ୍ୟକ୍ଷ ବସନ୍ତ ମହାନ୍ତି, କନ୍ଧମାଳ ଲୋକ ସଭା ପ୍ରଭାରୀ ଅଶୋକ ମିଶ୍ର, ରାଘବ ମଲ୍ଲିକ, ସଲିଳା ସେଠୀ, ରବି ନନ୍ଦ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିବର୍ତ୍ତନ ପାଇଁ ମୋଦି ସରକାର ବିକଳ୍ପ ବୋଲି ପ୍ରକାଶ କରିଥିଲେ। ଉଭୟ ଲୋକ ସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାକୁ ଭୋଟ ଦେଇ ବିକାଶର ଡବ୍ଲ ଇଞ୍ଜିନ ଲଗାଇବାକୁ ନେତାମାନେ କହିଥିଲେ। ସୂଚନାଯୋଗ୍ୟ ୩ଦିନ ପୂର୍ବରୁ ଅର୍ଥାତ୍ ରବିବାର ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ବାଇଗୁଣିଆଠାରେ ଅନୁଷ୍ଠିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ମଧ୍ୟ ବିଧାୟକ ଦାମୋଦର ରାଉତ ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜନ କରିଥିଲେ।

### ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷକ ସମ୍ମିଳନୀ

ବୋଲଗଡ଼,୧୯।୩(ଡି.ଏନ.ଏ.)

ବୋଲଗଡ଼ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ବ୍ଲକସ୍ତରୀୟ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ପକ୍ଷରୁ ଶିକ୍ଷକ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ବ୍ଲକର ୧୯ଟି ଗ୍ରାମ ପଞ୍ଚାୟତସ୍ଥ ୨୨ ଶିକ୍ଷାନୁଷ୍ଠାନ ପକ୍ଷରୁ ଶିକ୍ଷକମାନେ ସମ୍ମିଳନୀରେ ଯୋଗଦେଇଥିଲେ । ଏଥିରେ ଲଲାଟେନ୍ଦୁ କେଶରୀ ସିଂ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଘରୋଇ ଶିକ୍ଷାନୁଷ୍ଠାନ ସଂଘର ସଭାପତି ସତ୍ୟ ନାରାୟଣ ମିଶ୍ର ଉପସ୍ଥିତ ଥିଲେ। ବୀଣାପାଣି ବିଦ୍ୟାମନ୍ଦିର(ପିଟୁକୁଳି) ସମ୍ପାଦକ ପାଣ୍ଡବ ସାହୁ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର(ଦେଉଳି) ଗୁରୁଜୀ ବିନୟ କୁମାର ସାହୁ ଓ ସରସ୍ୱତୀ ଶିଶୁମନ୍ଦିର (ବୋଲଗଡ଼) ସମ୍ପାଦକ ଅରୂପ କୁମାର ପରିଡା ପ୍ରମୁଖ ସଭାରେ ଯୋଗଦେଇ ଘରୋଇ ଶିକ୍ଷାନୁଷ୍ଠାନର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଘରୋଇ ସ୍କୁଲକୁ ସରକାରୀ ସ୍ୱୀକୃତି, ଗରିବ ପିଲାଙ୍କୁ ସହାୟତା, ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ନିମନ୍ତେ ପ୍ରତି ବିଦ୍ୟାଳୟର ୨ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ସୁଯୋଗ ପ୍ରଦାନ ନେଇ ଆଲୋଚନା ହୋଇଥିଲା। ସମ୍ମିଳନୀରେ ନୂତନ କର୍ମକର୍ତ୍ତା ମନୋନୟନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

### ନୀଳମାଧବ ଜୀଉଙ୍କ ଦୋଳ ପରିକ୍ରମା

ଖଣ୍ଡପଡା,୧୯।୩(ସ୍ୱ.ପ୍ର.)

ଶ୍ରୀନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ମଙ୍ଗଳବାର ଚତୁର୍ଦ୍ଦଶୀ ତିଥିରେ ଲକ୍ଷ୍ମୀ, ସରସ୍ୱତୀଙ୍କୁ ସାଙ୍ଗରେ ଧରି ଗ୍ରାମକୁ ଦୋଳ ପରିକ୍ରମା କରି ଚାଚେରି ଭୋଗ ଖାଇଥିଲେ । ପୁରୀ ଶ୍ରୀ ମନ୍ଦିର ପରି ଜଗନ୍ନାଥ ସଂସ୍କୃତିର ଆଦି ଦେବତା କଣ୍ଟିଲୋର ଶ୍ରୀନୀଳମାଧବଜୀଉଙ୍କ ମଧ୍ୟ ଫଗୁ ଦଶମୀଠାରୁ ଦୋଳଯାତ୍ରା ତ୍ରୟୋଦଶୀ ତିଥି ପର୍ଯ୍ୟନ୍ତ ପାରମ୍ପରିକ ରୀତିରେ ପାଳିତ ହୋଇଛି। ଏହି ଅବସରରେ ଶ୍ରୀ ଜୀଉମାନେ ପ୍ରତ୍ୟହ ସନ୍ଧ୍ୟାରେ ଦୟଣାଚୋରି ବଗିଚାକୁ ଦୋଳପୂଜା ପାଇଁ ବିଜେ ହୋଇଥାନ୍ତି। ସନ୍ଧ୍ୟା ଆଳତି ପରେ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ଲକ୍ଷ୍ମୀ, ସରସ୍ୱତୀଙ୍କ ସହ ମନ୍ଦିରରୁ ବାହାରି ଏକ ସୁସଜ୍ଜିତ ବିମାନରେ ଦୟଣାଚୋରି ବଗିଚାକୁ ବିଜେ ହୋଇଥିଲେ। ସେଠାରେ ଦୋଳନୀତି ସମ୍ପନ୍ନ ପରେ ରାତି ପ୍ରାୟ ୯ଟାରେ ଠାକୁର ଗ୍ରାମ ପରିକ୍ରମା କରି ଗ୍ରାମସ୍ଥିତ ଶ୍ରୀରଘୁନାଥ ଜୀଉ, ବଟେଶ୍ୱର ମହାଦେବ ଓ କୃଷ୍ଣେଶ୍ୱର ମହାଦେବଙ୍କ ନିକଟରେ ଚାଚେରି ଭୋଗ ଖାଇଥିଲେ ।


ଦୋଳବେଦିରେ ମଦନମୋହନ ଜୀଉ।

## ମ୍ୟୁନିସିପାଲିଟି ହେବା ପରେ ବି ସମସ୍ୟା ସୁଧୁରୁନି

# ନର୍ଦ୍ଦମାପାଣିରେ ପଶି ଯାଉଛନ୍ତି ରତନପୁର ଲୋକେ

ନୟାଗଡ଼ ଅଫିସ,୧୯।୩

ଦୀର୍ଘଦିନ ଧରି ଦାବି ପରେ ନୟାଗଡ଼ ଏନ୍ଏସି ଗତ ଫେବୃୟାରୀ ୧୧ ତାରିଖରେ ମ୍ୟୁନିସିପାଲିଟି ହୋଇଥିଲା। ମ୍ୟୁନିସିପାଲିଟି ହେବା ପରେ ବି ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୟାଗଡ଼ ପୌରପରିଷଦ କାର୍ଯ୍ୟାଳୟଠାରୁ ମାତ୍ର ୨ କିଲୋମିଟର ଦୂରରେ ଥିବା ରତନପୁର ଗ୍ରାମର ଲୋକମାନେ ନାଳନର୍ଦ୍ଦମା ପାଣିରେ ପଶି ଯାଉଥିବା ଦେଖିବାକୁ ମିଳୁଛି। ଦୀର୍ଘ ୨ ମାସ ହେଲାଣି ସେମାନେ ନର୍ଦ୍ଦମା ପାଣିରେ ପଶି ଯା'ଆସ କରୁଛନ୍ତି । ସେହିପରି ୨ ମାସ ଧରି ଉକ୍ତ ସ୍ଥାନରେ ପାଣି ଜମି ରହିଥିବାରୁ କୂଅ ଓ ବୋରୱେଲ ପାଣି ମଧ୍ୟ ଖରାପ ହୋଇଗଲାଣି। ଅନନ୍ୟୋପାୟ ହୋଇ ଲୋକମାନେ ଏହାକୁ ବ୍ୟବହାର କରୁଥିବାରୁ ବିଭିନ୍ନ ରୋଗର ଶିକାର ହେଉଛନ୍ତି।

ପ୍ରକାଶ ଯେ, ସିନ୍ଦୁରିଆ ପଞ୍ଚାୟତ ରତନପୁର ଗ୍ରାମ ଗଡ଼ାଣିରେ ଥିବାରୁ ସହରର ସମସ୍ତ ପାଣି ସେଠାକୁ ଗଡିଯାଏ। ପୂର୍ବରୁ ପାଣି ନିଷ୍କାସନ ହେବା ପାଇଁ ବାଟ ଥିବାରୁ କିଛି ଅସୁବିଧା ହୁଏ ନାହିଁ। ପାଣି ନିଷ୍କାସନ ହେଉଥିବା ସ୍ଥାନଟି


ଲୋକମାନେ ନର୍ଦ୍ଦମା ପାଣିରେ ଯାଉଛନ୍ତି।

ଜଣେ ବ୍ୟକ୍ତିଙ୍କର ହୋଇଥିବାରୁ ବର୍ତ୍ତମାନ ଉକ୍ତ ଜାଗାରେ ସେ ଘର କରିଦେଇଛନ୍ତି। ଫଳରେ ପାଣି ନିଷ୍କାସିତ ହୋଇପାରୁ ନ ଥିବାରୁ ଏହିଭଳି ଅସୁବିଧା ଦେଖାଦେଉଛି। ଏ ନେଇ ରତନପୁର ସାହିବାସିନ୍ଦା ଓ ନିକଟସ୍ଥ ଲୋକନାଥ ନଗର ବାସିନ୍ଦା ମାର୍ଚ୍ଚ ୬ ତାରିଖରେ ଜିଲାପାଳଙ୍କୁ ଭେଟିଥିଲେ। ଜିଲାପାଳ, ପୌରପରିଷଦ ନିର୍ବାହୀ ଅଧିକାରୀ ଏହାର ସମାଧାନ କରିବା ପାଇଁ କହିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ଏହାର ସମାଧାନ ହୋଇ ନ ପାରିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣି ଜମି ରହିବା ଫଳରେ ସନ୍ଧ୍ୟା ସମୟରେ ମଶାଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ସେହିପରି ବିଭିନ୍ନ ସମୟରେ ବାଇକ୍ରେ ଯାଇଥିବା ଆରୋହୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏ ନେଇ ନୟାଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା କୁହନ୍ତି, ପୂର୍ବରୁ ଏହା ପଞ୍ଚାୟତରେ ଥିଲା। ସେତେବେଳର ଏହି ସମସ୍ୟା। ବର୍ତ୍ତମାନ କୋଡ ଅଫ୍ କଣ୍ଡକ୍ଟ ଲାଗିଥିବାରୁ ଏ ନେଇ କିଛି କରାଯାଇପାରିବ ନାହିଁ। ଅସ୍ଥାୟୀ ଭାବେ ମୋଟର ଲଗାଇ ପାଣି କଢାଯିବ ବୋଲି ସୂଚନା ଦେଇଥିଲେ।

